## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଆଶିଷଙ୍କ ସଫଳତା



ବାରିପଦା, ୬ ।୨(ସମିସ): ମୁର୍ଗାବାଡି ପ୍ରୟାସ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଆଶିଷ ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେ ବାରିପଦାର ୧୫ ନଂ ୱାର୍ଡ ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ର । ପୂର୍ବରୁ ସେ ବ୍ଲକସ୍ତରୀୟ ଚିତ୍ରକାନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ । ଉଦଳା ଅଞ୍ଚଳର କୁଣ୍ଡାବାଇ ନିକଟ ବଳଭଦ୍ରପୁର ଗ୍ରାମର ଚନ୍ଦ୍ରମଣି ବିଶ୍ୱାଳ ଓ ମାଳତୀ ବିଶ୍ୱାଳଙ୍କ ପୁତ୍ର । ତାଙ୍କ ଭିତରେ ଥିବା ପ୍ରତିଭାକୁ ଲକ୍ଷ୍ୟ କରି ପ୍ରଧାନ ଶିକ୍ଷକ ସୋମନାଥ ସିଂହ ବିଦ୍ୟାଳୟର କଳା ଶିକ୍ଷକ ମହେଶ୍ୱର ମାରାଣ୍ଡିଙ୍କୁ ଦାୟିତ୍ୱ ଦେଇଥିଲେ । ତା ପରଠାରୁ ଆଶିଷ ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ବହୁବାର ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଆସୁଛନ୍ତି । ଏହି ସଫଳତା ପାଇବା ପରେ ତାଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇଛନ୍ତି ।

### ଆଦିବାସୀ କୁଡୁମୀ ସମାଜର ଜରୁରୀ ବୈଠକ

## ଅନୁସୂଚିତ ଜନଜାତିରେ ସାମିଲ ନ କଲେ ଆନ୍ଦୋଳନ

ବାରିପଦା, ୬ ।୨(ସମିସ): ମଙ୍ଗଳବାର ଆଦିବାସୀ କୁଡୁମୀ ସମାଜର ଏକ ଜରୁରୀ ବୈଠକ ସ୍ଥାନୀୟ ସ୍ୱାଗତିକା କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଡାକ୍ତର ମନୋଜ କୁମାର ମହାନ୍ତ, ଆଦିବାସୀ କୁଡୁମୀ ସମାଜର ରାଜ୍ୟ ସଭାପତି ଅଧ୍ୟକ୍ଷତା କରିଥିଲେ । ଗତ ଜାନୁଆରୀ ୩୦ ତାରିଖରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓଡ଼ିଶାର ୧୬୯ଟି ଜନଜାତିକୁ ଅନୁସୂଚିତ ଜନଜାତି ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି ବୋଲି ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା । ମାତ୍ର ଦୀର୍ଘ ଦିନହେଲା କେନ୍ଦ୍ର ସରକାରଙ୍କୁ ଅନୁସୂଚିତ ଜନଜାତି ପାଇଁ ସୁପାରିସ ପାଇଁ ଆନ୍ଦୋଳନ କରିଆସୁଥିବା କୁଡୁମୀ ଜନଜାତି ସରକାରଙ୍କ ପ୍ରକାଶିତ ତାଲିକାରେ ନାମ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି । ସଭାରେ ବିଭିନ୍ନ ବକ୍ତା ଏ ନେଇ ବିକ୍ଷୋଦଗାର କରିଥିଲେ ।




ଗତ ୧୯୫୨ ମସିହାରୁ କୁଡୁମୀ ଜାତିକୁ ଅନୁସୂଚିତ ଜନଜାତିରେ ସାମିଲ କରିବା ଦାବି କରାଯାଇଥିଲେ ମଧ୍ୟ ଆଜିଯାଏ ଫଳ ଶୂନ । କୁଡୁମୀ ନିଜର ଜାତିର ଅସ୍ମିତା, ଜାତିର ପରିଚୟ ବଞ୍ଚାଇ ରଖିବା ପାଇଁ ଏବେ ବି ଉଦ୍ୟମ ଚଳାଇଛନ୍ତି । ଆଜି ପର୍ଯ୍ୟନ୍ତ କୁଡୁମୀମାନେ ବିଭିନ୍ନ ଦଳକୁ ଭୋଟ ଦେଇ ଆସୁଛନ୍ତି । ମାତ୍ର ଏହି ଜନଜାତି ଦାବି କଥା କେହି କର୍ଣ୍ଣପାତ କରୁ ନ ଥିବାରୁ ସଭାରେ ସମସ୍ତେ କ୍ଷୋଭ ପ୍ରକାଶ କରିଥିଲେ । ତେବେ ଆଗାମୀ ଦିନରେ କୁଡୁମୀ ଜାତିକୁ ଅନୁସୂଚିତ ଜନଜାତିରେ ତାଲିକାଭୁକ୍ତ ନ କରନ୍ତି ତେବେ ଆନ୍ଦୋଳନ କରିବା ସହିତ ଭୋଟ ବର୍ଜନ ଭଳି ନିଷ୍ପତ୍ତି ନେବାକୁ ଚେତାବନୀ ଦେଇଛନ୍ତି । ସଭାରେ ଜିଲ୍ଲା ସଭାପତି ନିରଞ୍ଜନ ମହାନ୍ତ, ରାଜ୍ୟ ସଂଯୋଜକ ସଞ୍ଜୀବ ମହାନ୍ତ, ପରିକ୍ଷିତ ମହାନ୍ତ, ମନୋରଞ୍ଜନ ମହାନ୍ତ, ଧନଞ୍ଜୟ ମହାନ୍ତ, ତ୍ରିଲୋଚନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ନଳୀନ ଚନ୍ଦ୍ର ମହାନ୍ତ, ରତିକାନ୍ତ ମହାନ୍ତ, ଆଡଭୋକେଟ ବସନ୍ତ କୁମାର ମହାନ୍ତ, କୃପାସିନ୍ଧୁ ମହାନ୍ତ, ପ୍ରମୋଦ କୁମାର ମହାନ୍ତ, ଭବାନୀ ଶଙ୍କର ମହାନ୍ତ, ଯୁବ ଛାତ୍ର ସଭାପତି ସ୍ନେହାଶିଷ ମହାନ୍ତ, ବାସନ୍ତୀ ମହାନ୍ତ, ସୁଶାନ୍ତି ମହାନ୍ତ, ଅନୀତାମଣି ମହାନ୍ତ ସହିତ ଶତାଧିକ କୁଡୁମୀ ଉପସ୍ଥିତ ଥିଲେ ।

## ଭଞ୍ଜସେନାର ନୂତନ କର୍ମକର୍ତ୍ତା

ବାରିପଦା, ୬ ।୨(ସମିସ): ଭଞ୍ଜସେନା ପକ୍ଷରୁ ଜିଲ୍ଲାବ୍ୟାପୀ ତୃଣମୂଳ ସ୍ତରରୁ ସଙ୍ଗଠନକୁ ଅଧିକରୁ ଅଧିକ ସୁଦୃଢ କରିବା ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି । ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ଭଞ୍ଜସେନାର ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ଉପାଧ୍ୟକ୍ଷ ଭାବେ ଜେ.କେ ଖଗେଶ୍ୱର ଦାସ ଓ ଲାଲ ବହାଦୂର ମହାନ୍ତି, ଜିଲ୍ଲା ଛାତ୍ର ଶାଖା ସଭାପତି ଭାବେ କିଷନ କୁମାର ସାହୁ, କପ୍ତିପଦା ଉପଖଣ୍ଡ ଆଦିବାସୀ ଶାଖା ସଭାପତି ଭାବେ ସଞ୍ଜୟ ହାଁସଦା, ପଞ୍ଚପୀଢ ଉପଖଣ୍ଡ ସଂଯୋଜକ ଭାବେ ଅରୁଣ କୁମାର ବେହେରା, ପଞ୍ଚପୀଢ ଉପଖଣ୍ଡ ସହ ସଂଯୋଜକ ଭାବେ ବି. ଅନୀଲ ମନୋନୀତ ହୋଇଛନ୍ତି ।

## ଡିଭାଇନରେ ହାଇ-ଟେକ୍ସ ଇଣ୍ଡିଆର କ୍ୟାମ୍ପସ୍ ଚୟନ




ବାରିପଦା, ୬ ।୨(ସମିସ): ଉତ୍ତର ଓଡ଼ିଶାର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜିରେ ମଙ୍ଗଳବାର ଗୁଜୁରାଟସ୍ଥିତ ହାଇ-ଟେକ୍ସ ଇଣ୍ଡିଆର କ୍ୟାମ୍ପସ୍ ଚୟନ ପ୍ରକ୍ରିୟା ସଂଗଠିତ ହୋଇଥିଲା । ଏହା ଥିଲା ୨୦୨୩-୨୪ ଶିକ୍ଷାବର୍ଷର ୬ଷ୍ଠତମ କ୍ୟାମ୍ପସ୍ ଚୟନ । ଯେଉଁଥିରେ ଅନୁଷ୍ଠାନର ଇଲେକ୍ଟ୍ରିକାଲ୍, ମେକାନିକାଲ୍ ଓ ଇଲେକ୍ଟ୍ରିକାଲ୍ ଆଣ୍ଡ ମେକାନିକାଲ୍ ବ୍ରାଞ୍ଚର ବହୁ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦ଜଣ ଚାକିରି ପାଇବା ପାଇଁ ଯୋଗ୍ୟ ବେବେଚିତ ହୋଇଛନ୍ତି । ହାଇ-ଲେକ୍ସ ଇଣ୍ଡିଆର ପ୍ରଶାସନିକ ଅଧିକାରୀ ହିତେଶ ଯୋଶୀ ଡିଭାଇନ୍ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ସାକ୍ଷାତକାର ନେଇଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇ ଏହି ଚୟନ ପ୍ରକ୍ରିୟାରେ ନିଜର ଖୁସି ବ୍ୟକ୍ତ କରିବା ସହ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଚଳିତ ଶିକ୍ଷା ବର୍ଷରେ ଶତକଡା ୧୦୦ ଛାତ୍ରଛାତ୍ରୀ ଚାକିରି ପାଇବାର ଆଶା ରଖିଛନ୍ତି ବୋଲି କହିଛନ୍ତି ଅନୁଷ୍ଠାନର ନିର୍ଦ୍ଦେଶକ । ଅନୁଷ୍ଠାନର ଅଧକ୍ଷ୍ୟ ଇଂ. ଅଭିନ୍ନ କୁମାର ଦାସ, ଟ୍ରେନିଂ ଓ ପ୍ଲେସମେଣ୍ଟ ବିଭାଗର ମୁଖ୍ୟ ଇଂ. ରଶ୍ମି ରଞ୍ଜନ ମିଶ୍ର ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ କାରାଦଣ୍ଡାଦେଶ



ବାରିପଦା, ୬ ।୨(ସମିସ): ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟର ବିଚାରପତି ସନ୍ତୋଷ କୁମାର ନାୟକ ମଙ୍ଗଳବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ ପୂର୍ବକ ୨୦ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଣି କରିଛନ୍ତି । ଏଥିସହିତ ୧୦ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୩ମାସର ଅତିରିକ୍ତ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଆସାମୀ ଜଣକ ହେଲେ ଘାଗରବେଡା ଥାନା ଅନ୍ତର୍ଗତ ନିମି ପୋଖରୀ ଗ୍ରାମର ଲାଡା ସିକୁ ଓରଫ ଟୁଡୁ (୨୯) । ଘଟଣାରୁ ପ୍ରକାଶ ଯେ, ଜଣେ ନାବାଳିକାକୁ ଅଭିଯୁକ୍ତ ଲାଡା ସିକୁ ବଳ ପୂର୍ବକ ଦୁଷ୍କର୍ମ କରିଥିଲା । ଏ ନେଇ ଗତ ୨୭.୮.୨୦୧୯ରେ ନାବାଳିକା ଜଣକ ଘଟଣା ବାବଦରେ ଜଣାଇବା ପରେ ତା' ପରଦିନ ଘାଗରବେଡା ଥାନାରେ ପରିବାର ଲୋକେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ପୀଡିତାର ବୟାନ ରେକର୍ଡ କରିବା ପରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସମସ୍ତ ୨୧ଜଣ ସାକ୍ଷୀଙ୍କ ବୟାନ ଓ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ଉକ୍ତ ମାମଲାକୁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ ।

## ପୌରପାଳିକା ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ବାରିପଦା, ୬ ।୨(ସମିସ): ସୋମବାର ବାରିପଦା ପୌରପାଳିକା ତରଫରୁ 'ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଏକ ପ୍ରତିଯୋଗିତା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ତର୍କ, ରଚନା, ସୁନ୍ଦର ହସ୍ତାକ୍ଷର ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ପୌରପାଳିକା ଅନ୍ତର୍ଗତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ, ଶ୍ରୀମା ମହିଳାମହାବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ, ଦଉମହାବିଦ୍ୟାଳୟ, ସାଇ ଆଦର୍ଶ ମହାବିଦ୍ୟାଳୟ ଏବଂ ସାଇ ବିଦ୍ୟାମନ୍ଦିରରୁ ୧୩୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପୌରଯନ୍ତ୍ରୀ ସଚ୍ଚିଦାନନ୍ଦ ଶତପଥୀ ଉପସ୍ଥିତ ରହି ସମ୍ମିଳନୀର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ, ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନ ବାରିପଦାରୁ ନିରଞ୍ଜନ ସାହୁ, ଶ୍ରୀମା ମହିଳା ମହାବିଦ୍ୟାଳୟରୁ ଦୀପକ କୁମାର ରାଉତ ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ, ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ସ୍ନେହପ୍ରଭା ଦାସ ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପିକା ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ସହକାରୀ ଅଧ୍ୟାପିକା ରୀନା ମୁର୍ମୁ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ସମ୍ମିଳନୀର ଭାଷା ଓ ସାହିତ୍ୟର ଦିଗଦର୍ଶନ ଦେବା ସହିତ ଛାତ୍ରଛାତ୍ରୀଙ୍କ ଜିଜ୍ଞାସା ବଢ଼ାଇଥିଲେ । ପୌର ନିର୍ବାହୀ ଅଧିକାରୀ ଡାକ୍ତର ମଧୁସ୍ମିତା ସାମନ୍ତରାୟ ଭାଷା ଓ ସାହିତ୍ୟର ଭୂମିକା ଉପରେ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ ।



## କଣ୍ଟାପାଳ ହାଇସ୍କୁଲ ବିଜ୍ଞାନ ଓ ଗଣିତ କ୍ଲବ୍‌ର ବହୁବିଧ କାର୍ଯ୍ୟକ୍ରମ

ବାରିପଦା, ୬ ।୨(ସମିସ): ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗଣିତ ଓ ବିଜ୍ଞାନ କ୍ଲବ୍ ତରଫରୁ ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରଛାତ୍ରୀ ବିଜ୍ଞାନ ଓ ଗଣିତରେ ଅଧ୍ୟୟନ କରିବା ସହିତ ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତି ଓ ସନ୍ଦର୍ଭ ଲିଖନରେ ମନୋନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ । ବରିଷ୍ଠ ବିଜ୍ଞାନ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ । ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ ଗଣିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ବିଭିନ୍ନ ଚାର୍ଟ ପ୍ରଦର୍ଶିତ ହୋଇଛି । ଶିକ୍ଷୟିତ୍ରୀ ଅନିଶା ବେହେରା ଧନ୍ୟବାଦ ଦେଇଥିଲେ ।




### ୧୨ରେ ମୟୂରଭଞ୍ଜରେ ଗଡ଼ିବ ଲକ୍ଷ୍ମୀ ବସ୍

## ପ୍ରଥମ ପର୍ଯ୍ୟାୟରେ ୫୩ଟି ଚାଲିବ

ବାରିପଦା, ୬ ।୨(ସମିସ): ଗ୍ରାମାଞ୍ଚଳରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀବସ୍ ସେବା ଯୋଜନା ଆରମ୍ଭ କରିଛନ୍ତି । ତଦନୁସାରେ ଆସନ୍ତା ୧୨ତାରିଖ ସୋମବାରଠାରୁ ମୟୂରଭଞ୍ଜ ଜିଲ୍ଲାରେ ଲକ୍ଷ୍ମୀ ବସ ଚଳାଚଳ ଶୁଭାରମ୍ଭ କରିବ । ମୁଖ୍ୟମନ୍ତ୍ରୀ ଏହାକୁ ଉଦଘାଟନ କରିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୫୩ଟି ବସ ଚଳାଚଳ ଆରମ୍ଭ କରିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜ ବେହେରାଙ୍କ ସୂଚନା ଦେଇଛନ୍ତି । ମୟୂରଭଞ୍ଜର ୪୦୪ଟି ପଞ୍ଚାୟତ ସହିତ ବ୍ଲକ ୨୬ଟି ମୁଖ୍ୟାଳୟ ସହିତ ଏହି ବସ ଚଳାଚଳ କରିବ । ଏଥିପାଇଁ ୧୦୧ଟି ରୁଟ ଚିହ୍ନଟ କରାଯିବା ସହିତ ୧୦୧ଟି ବସ ଚଳାଚଳ କରିବ । ଏଥିପାଇଁ ୮୦୦ଟି ବସଷ୍ଟପ ପଞ୍ଚାୟତ ପକ୍ଷରୁ ନିର୍ମାଣ ହେବ । ସେହିପରି ୨୬ଟି ବ୍ଲକ ମୁଖ୍ୟାଳୟରେ ୧ଏକର ଜାଗାରେ ବ୍ଲକ ବସଷ୍ଟାଣ୍ଡ ନିର୍ମାଣ ହେବ । ପଞ୍ଚାୟତରୁ ବସଗୁଡିକ ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ ଚାଲିବ । ବସ ଚଳାଚଳ କରୁ ନ ଥିବା ପଞ୍ଚାୟତରୁ ପ୍ରଥମେ ବ ସ୍ ସେବା କାର୍ଯ୍ୟକାରୀ ହେବ । ଏଥିପାଇଁ ବସ କର୍ମଚାରୀ ସମେତ ସୁପରଭାଇଜର ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଛି । ଅଶୋକ ଲେଲାଣ୍ଡ କମ୍ପାନୀର ନୂତନ ବସ ଗୁଡିକ ପହଞ୍ଚିବା ପରେ ସ୍ଥାନୀୟ ଛଉପଡ଼ିଆରେ ଲକ୍ଷ୍ମୀ ବସ ରଙ୍ଗ ଓ ଷ୍ଟିକରିଂ କାର୍ଯ୍ୟ ଜାରି ରହିଛି । ଏହି ବସ ଚଳାଚଳ ପରେ ମୟୂରଭଞ୍ଜ ଜିଲ୍ଲାର ବହୁ ଅଗମ୍ୟ ଅଞ୍ଚଳରେ ସ୍ୱଳ୍ପ ମୂଲ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥା ସହଜ ଭାବେ ଉପଲବ୍ଧ ହେବ । ଛାତ୍ରଛାତ୍ରୀ, ମହିଳା ଓ ଦିନମଜୁରିଆ ସମେତ ଜନସାଧାରଣ ବ୍ଲକ ମୁଖ୍ୟାଳୟ ଯିବାଆସିବା ସହଜ ଓ ସୁବିଧା ହେବ । ଏହା ପୂର୍ବରୁ ଜିଲ୍ଲାରେ ୪୦୦ରୁ ଉର୍ଦ୍ଧ୍ୱ ଯାତ୍ରୀବାହୀ ବସ ଜିଲ୍ଲା ମଧ୍ୟରେ ଓ ଆନ୍ତଃଜିଲ୍ଲା ବା ରାଜ୍ୟ ମଧ୍ୟରେ ଚଳାଚଳ କରୁଛି ।



## ଚାଷୀଙ୍କୁ ପନିପରିବା ବିହନ ବଣ୍ଟନ

ରାଇରଙ୍ଗପୁର, ୬ ।୨(ସମିସ): ଜାମଦା ବ୍ଲକ ଆଦିବାସୀ ବହୁଳ ଗାଁ କାନଖାଁଠାରେ ୨୭ ଜଣ ଚାଷୀଙ୍କୁ ୟୁଏସ୍‌ଆଇ ସଂଗଠନର ରାଜ୍ୟ ସଂଯୋଜକ ପ୍ରଶ୍ନକୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜ ସଂଯୋଜକ କାରିଆ ମାଝୀ, ବାମନଘାଟୀ ସଂଯୋଜକ ଆନନ୍ଦ ବିନ୍ଧାଣୀ ଉପସ୍ଥିତିରେ ଝୁଡଙ୍ଗ, ବାଇଗଣ, ବିଲାତି, ଭେଣ୍ଡି, ଶିମ୍ବ, ବିଭିନ୍ନ ପ୍ରକାରର ଶାଗ ବିହନ ବଣ୍ଟନ କରାଯାଇଛି । ସଂଗଠନର ମୟୂରଭଞ୍ଜ ଜିଲ୍ଲା ସଂଯୋଜକ କାରିଆ ମାଝୀ ବିଲାତି, ବାଇଗଣ ଚାରା ପକାଇବା ନିମନ୍ତେ ପ୍ରଣାଳୀମାନ ଆଲୋକପାତ କରିଥିଲେ । ସଂଗଠନର ପ୍ରତିଷ୍ଠାତା ଅଖିଳକୁମାର ସାହୁ, ମ୍ୟାନେଜିଂ ଟ୍ରଷ୍ଟି ଡ. ରଶ୍ମିରେଖା ସାହୁ, ଅଧ୍ୟକ୍ଷ ବନୋଜ ତ୍ରିପାଠୀ, ଆବାହକ ପ୍ରତୀକ୍ଷା ମିଶ୍ର, ସମାଜସେବୀ କିଶୋର କୁମାର ବେହେରା, ରାଧାକାନ୍ତ ମାଝୀ, ହେମନ୍ତ ଶତପଥୀ, ପ୍ରମୁଖ ସହଯୋଗ କରିଥିଲେ ।

## ୧୬ରେ ଟ୍ରେଡ ୟୁନିୟନର ବନ୍ଦ ଡାକରା



ବାରିପଦା, ୬ ।୨(ସମିସ): ଟ୍ରେଡ଼ ୟୁନିଅନ ପକ୍ଷରୁ ଆସନ୍ତା ୧୬ ତାରିଖରେ ବନ୍ଦ ଡାକରା ଦିଆଯାଇଛି । ଏଥିରେ ୧୦ଟି ଟ୍ରେଡ଼ ୟୁନିୟନ, ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କର୍ମଚାରୀ ଫେଡ଼ରେସନ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି ବୋଲି ଟ୍ରେଡ଼ ୟୁନିୟନ ପକ୍ଷରୁ ଅଭିଯୋଗ କରାଯାଇଛି । ତେଣୁକରି ଶ୍ରମିକଙ୍କ ଉନ୍ନତି ନିମନ୍ତେ ପଦକ୍ଷେପ ଗ୍ରହଣ ନିମନ୍ତେ କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ ନିମନ୍ତେ ଏହି ବନ୍ଦ ଡାକରା ଦିଆଯାଇଛି ବୋଲି କୁହାଯାଇଛି । ଏନେଇ ବାରିପଦାଠାରେ କର୍ମକର୍ତ୍ତାମାନେ ମଙ୍ଗଳବାର ଜିଲ୍ଲା ଶ୍ରମ ଅଧିକାରୀ ଓ ଶ୍ରମ ଆୟୁକ୍ତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଔଷଧ, ଖାଦ୍ୟ ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରୁ ଜିଏସଟି ଛାଡ଼, ଖାଦ୍ୟ ସୁରକ୍ଷା, ମାଗଣା ଶିକ୍ଷା, ସର୍ବନିମ୍ନ ମଜୁରୀ ମାସକୁ ୨୬ହଜାର ପ୍ରଦାନ, ଶ୍ରମିକଙ୍କ ଇପିଏଫ ଓ ଇଏସଆଇ ବ୍ୟବସ୍ଥା ଆଦି ୨୧ଦଫା ଦାବି ପୂରଣ ପାଇଁ ବନ୍ଦ ଡାକରା ଦିଆଯାଇଛି ।

### ଜିଲ୍ଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

## ୪ କୃତୀ ଶିକ୍ଷକ, ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ

ବାରିପଦା, ୬ ।୨(ସମିସ): ବାରିପଦା ପ୍ରୟାସ ସମ୍ମିଳନୀ କକ୍ଷରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଉପଲକ୍ଷେ ଜିଲ୍ଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବ ପ୍ରାରମ୍ଭରେ ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସଭା ଆରମ୍ଭ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନ ସମାରୋହରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବାରିପଦାର ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାତତ୍ତ୍ୱ ସଂଯୋଜିକା ଶୈଳବାଳା ବେହେରା ଯୋଗଦାନ କରିଥିଲେ । ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟସମ୍ପର୍କରେଆଲୋକପାତ କରିଥିଲେ । ସେହିପରି ଉଦଯାପନୀ ତଥା ପୁରସ୍କାର ବିତରଣ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଚିତ୍ରଡା ମହାବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପିକା ଡଃ ଅର୍ଚ୍ଚନା ପ୍ରଧାନ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବହଳଦା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶୁଭଶ୍ରୀ ସିଂ ଯୋଗଦେଇଥିଲେ । ଏହି ଅବସରରେ ପାଞ୍ଚଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କନିଷ୍ଠ ବିଭାଗରେ ଅନୁଷ୍ଠିତ ହୋଇଥିବା ଭାଷା ଭିତ୍ତିକ କୁଇଜ ପ୍ରତିଯୋଗିତାରେ ଚନ୍ଦ୍ରିକା ଥୟାଲ ପ୍ରଥମ, ହିତେଶ ଗୋଛାୟତ ଦ୍ୱିତୀୟ ଓ ସେଲିନା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦିବ୍ୟଜ୍ୟୋତି ଜେନା ପ୍ରଥମ, ମିଲି ପଣ୍ଡା ଦ୍ୱିତୀୟ ଓ ଜ୍ୟୋତିପ୍ରଭା ଦେବୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବରିଷ୍ଠ ବିଭାଗରେ ଅନୁଷ୍ଠିତ ହୋଇଥିବା ଭାଷା ଭିତ୍ତିକ କୁଇଜ ପ୍ରତିଯୋଗିତାରେ ଦିବ୍ୟାଂଶୁ ଚୌହାନ ପ୍ରଥମ, ହରିପ୍ରିୟା ମହାନ୍ତ ଦ୍ୱିତୀୟ ଓ ଚନ୍ଦ୍ର ମୁର୍ମୁ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଆଶିଷ ବିଶ୍ୱାଳ ପ୍ରଥମ, ସନ୍ଧ୍ୟାରାଣୀ ମହାନ୍ତ ଦ୍ୱିତୀୟ ଓ ସୁଗୀ ଟୁଡୁ ତୃତୀୟ ସ୍ଥାନ, ବିତର୍କ ପ୍ରତିଯୋଗିତାରେ ତନିସା ସାହୁ ପ୍ରଥମ, ସାଇଶଙ୍କର ରାଇସିଂ ଦ୍ୱିତୀୟ ଓ ସଉନା ମାଝୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଉପଲକ୍ଷେ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରୁଥିବା ଆଞ୍ଚଳିକ ଗପ ଓ ଭାଷାର ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ସେହିପରି ଓଡିଆ ସଂସ୍କୃତି, ପରମ୍ପରା, ଐତିହାସିକ କଳାକୃତି, ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା, ପ୍ରତିଷ୍ଠିତ କବି ଓ ଲେଖକଙ୍କର ତଥ୍ୟ ସମ୍ବଳିତ ପଟ୍ଟଚିତ୍ର ପ୍ରଦର୍ଶିତ କରାଯାଇଥିଲା । ସେଥିମଧ୍ୟରୁ ଶ୍ରେଷ୍ଠ ୧୦ଟି ଷ୍ଟଲକୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲାସ୍ତରରେ ଭାଷା ସାହିତ୍ୟ ଓ ସୃଜନଶୀଳତା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜିଲ୍ଲାର ୪ଜଣ କୃତୀ ଶିକ୍ଷକ ତିମିର ରଞ୍ଜନ ପଣ୍ଡା, ସନ୍ତୋଷ କୁମାର ସାହୁ, ହରେନ୍ଦ୍ର ମହାନ୍ତ ଓ ଅନିତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଦିବ୍ୟାଙ୍ଗ ଓ ଗଣମାଧ୍ୟମ ସଂଯୋଜକ ନିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବାରିପଦା, ୬।୨(ସମିସ): ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଆତସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଅଧ୍ୟକ୍ଷ ରାଜେଶ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ମହାରାଜା ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ବନଜା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତସୁରକ୍ଷା ତାଲିମ ଶିବିରର ଉପାଦେୟତା ତଥା ପ୍ରତ୍ୟେକ ଶିକ୍ଷାର୍ଥୀ ଓଡିଆରେ ଦକ୍ଷତା ଅର୍ଜନ କରିବା ଉପରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଦୁହିତା ଦୁଇ କୁଳର ହିତସାଧନ ପାଇଁ ବ୍ରତୀ ହେବା ଏବଂ ସ୍ୱାବଲମ୍ବୀ ହୋଇ ନିଜକୁ ନିଜର ସୁରକ୍ଷା ପ୍ରଦାନ ପାଇଁ ସାମର୍ଥ୍ୟ ଅର୍ଜନ କରିବା ପାଇଁ ଉତ୍ସାହିତ କରିଥିଲେ । ଅଧ୍ୟକ୍ଷ ଶ୍ରୀ ଷଡଙ୍ଗୀ ଛାତ୍ରୀମାନଙ୍କୁ ତାଙ୍କ ଜୀବନର ଲକ୍ଷ୍ୟ ଉପରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ସାହସିକତା ଓ ନିର୍ଭିକତାର ସହିତ ଜୀବନ ବଞ୍ଚିବା ପାଇଁ ପ୍ରେରଣା ଦେଇଥିଲେ । ସମାଜ ବିଜ୍ଞାନର ଅଧ୍ୟାପକ ଅଟଳ କୁମାର ମହାନ୍ତ ଅ । ।ସୁରକ୍ଷା କୌଶଳ ମାଧ୍ୟମରେ ଛାତ୍ରୀମାନେ ତାଙ୍କ ବାସ୍ତବ ଜୀବନକୁ ସୁରକ୍ଷିତ ଭାବରେ ବଞ୍ଚିପାରିବାର କୌଶଳ ଶିକ୍ଷା କରିବା ଉଚିତ ବୋଲି ଉଦବୋଧନ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ଡ. ଅଞ୍ଜଳି ପଣ୍ଡା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ଅଧିକାରିଣୀ ଡ. ସଂଯୁକ୍ତାରାଣୀ ସୁର ପରିଚାଳନା କରିଥିବା ବେଳେ କ୍ରୀଡା ଶିକ୍ଷକ ତାପସ କୁମାର ସାମଲ, ସୁଶ୍ରୀ ଭାଗ୍ୟଲତା ରାୟ ପ୍ରମୁଖ ସହଯୋଗ କରିଥିଲେ । ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଗଣ ଏଥିରେ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଆଠଦିନିଆ ଏହି ଶିବିରକୁ ରଞ୍ଜିତା ମହାନ୍ତ ଓ ପୂଜା ମହାନ୍ତ ୨୧୩ ଜଣ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

# କାର୍ଯ୍ୟକ୍ଷମ ପୂର୍ବରୁ ଭୁଶୁଡ଼ିବ ସୁବର୍ଣ୍ଣରେଖା କେନାଲ ପୋଲ !

ବେତନଟୀ, ୬।୨(ସମିସ):

ମୟୂରଭଞ୍ଜ ଜିଲ୍ଲାର ସର୍ବବୃହତ ଜଳସେଚନ ପ୍ରକଳ୍ପ ସୁବର୍ଣ୍ଣରେଖା କେନାଲ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହେଉଛି। ବେତନଟୀ ଉପକଣ୍ଠ ପୁରୁଣାପାଣି-ଭୁଡୁରୁବଣି ମଧ୍ୟରେ

## ନିମ୍ନମାନର କାମ ଯୋଗୁ ବାହାରକୁ ଦିଶୁଛି ଛଡ଼



ହୋଇଥିବା କେନାଲ ନିର୍ମାଣରୁ ଏହା ଜଣାପଡ଼ିଛି। କେନାଲ ନିର୍ମାଣ ସାଙ୍ଗକୁ ଆବଶ୍ୟକସ୍ଥଳରେ ପୋଲ କରାଯାଇଛି। ଚାଷୀମାନେ ଫସଲ ଅମଳକରି ଶଗଡ଼ କିମ୍ବା ଅନ୍ୟାନ୍ୟ ଯାନବାହନ ନେବାଆଣିବା କରିବାକୁ କେନାଲ ଉପରେ ଏହି ପୋଲ ନିର୍ମାଣ କରାଯାଇଛି। ବର୍ତ୍ତମାନ ସୁବର୍ଣ୍ଣରେଖା କେନାଲ ପୂର୍ଣ୍ଣମାତ୍ରାରେ ବ୍ୟବହାର ଉପଯୋଗୀ ହୋଇ ନ ଥିବା ବେଳେ ନିର୍ମାଣ ଚାଲିଛି। ତେବେ କେନାଲ ଉପରେ ନିର୍ମାଣ ହୋଇଥିବା ପୋଲର କଂକ୍ରିଟ ଖସି ଛଡଗୁଡିକ ବାହାରକୁ ଦିଶୁଛି। ତେଣୁ କାର୍ଯ୍ୟକ୍ଷମ ପୂର୍ବରୁ ଯଦି ପୋଲର ଅବସ୍ଥା ଏଭଳି ତାହେଲେ ଆଗକୁ କ'ଣ ହେବ କହିବା ମୁସ୍କିଲ। ତେଣୁ ଏହି ପୋଲ ଆଗାମୀ ଦିନରେ ଭୁଶୁଡିବା ନେଇ ସ୍ଥାନୀୟ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ତେବେ କେନାଲ ଉପରେ ନିର୍ମିତ ପୋଲଟି ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ କାର୍ଯ୍ୟକ୍ଷମ ପୂର୍ବରୁ ଏହାର ଏଭଳି ଦୂରବସ୍ଥା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ବେତନଟୀରେ ଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟକୁ ଉଦ୍ଦେଶ୍ୟମୂଳକ ଭାବରେ ବାରିପଦା ଉଠାଇ ନିଆଯାଇଛି। ଫଳରେ ଜଣେ ସାଧାରଣ ଚାଷୀ କିମ୍ବା ଗ୍ରାମବାସୀ ଏନେଇ ଅଭିଯୋଗ କରିବାକୁ ହେଲେ ୩୫ କିମି ଯିବାକୁ ପଡୁଛି। ଏପରିକି କେତେକ ଚାଷୀ ମଧ୍ୟ ଯିବାକୁ ଇଚ୍ଛା ପ୍ରକଟ କରୁନାହାନ୍ତି। ତେବେ ବେତନଟୀ ଅଞ୍ଚଳରେ ଶହଶହ କୋଟି ବିନିମୟରେ ସୁବର୍ଣ୍ଣରେଖା କେନାଲ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ଏହାର କାର୍ଯ୍ୟାଳୟ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିପାରୁନାହାନ୍ତି। ଯଦ୍ଦ୍ୱାରା ଶହଶହ କୋଟିର ପ୍ରକଳ୍ପରେ ହେଉଥିବା ଦୁର୍ନୀତି ବାବଦରେ ଅଭିଯୋଗ ହୋଇପାରୁନାହିଁ କି ଏ ନେଇ କେହି ମୁହଁ ମଧ୍ୟ ଖୋଲୁନାହାନ୍ତି।

# ଆମ ଓଡ଼ିଶା, ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର



ବହଳଦା, ୬।୨ (ସମିସ): ବହଳଦା ବ୍ଲକ ଅର୍ନ୍ତଗତ ଅଳାଯୋଡ଼ି ପଞ୍ଚାୟତରେ ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ପ୍ରକଳ୍ପ ସମ୍ପର୍କରେ ଡିଜିଟାଲ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା। ଏହି ଅବସରରେ ଖାଉଟି କଲ୍ୟାଣ, ମଧୁବାବୁ ପେନସନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା ଯୋଜନା, ମିଲେଟ ମିଶନ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ଆଲୋକପାତ କରିଥିଲେ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସରକାରୀ ଯୋଜନା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ବିଡ଼ିଓ ଶରତ କୁମାର ମଲ୍ଲିକ, ଏବିଡିଓ ଶକ୍ତି ପ୍ରସାଦ ପାଇକରାୟ, ପୂର୍ବତନ ବିଧାୟକ ସାଇବା ସୁଶୀଲ ହାଁସଦା, ବ୍ଲକ ବିଜେଡି ସଭାପତି ହରେକୃଷ୍ଣ ମଣ୍ଡଳ, ସରପଞ୍ଚ ସଲମା ମାଝୀ, ବ୍ଲକ କର୍ମଚାରୀ ସିଦ୍ଧାର୍ଥ ପାଲ, ସରୋଜ ମଲ୍ଲିକ, ରାଧିକା ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ବାପ-ପୁଅଙ୍କ ସଂଘବଦ୍ଧ ଆକ୍ରମଣ; ମାମଲା ରୁଜୁ

ବେତନଟୀ, ୬।୨ (ସମିସ): ଦହିକୋଟୀ ପଞ୍ଚାୟତ ଅଧୀନ ଆଗଡ଼ା ଗ୍ରାମରେ ବାପ, ପୁଅ ସଂଘବଦ୍ଧ ଆକ୍ରମଣ କରିବାରୁ ଜଣେ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ସୋମବାର ରାତିରେ କାର୍ତ୍ତିକ ସିଂ ଓ ପୁଅ ଟୁଲୁ ସିଂ ସହିତ ଆସି ପଙ୍କଜିନୀଙ୍କ ସ୍ୱାମୀ ସୋମନାଥ ଘୋଷାରି ଆଣି ନିସ୍ଥୁକମାଡ ମାରିବା ସହିତ ତଳେ ପକାଇ ବିଧା, ଗୋଇଠା ମାରିଚାଲିଥିଲେ। ଫଳରେ ସୋମନାଥ ଗୁରୁତର ହୋଇପଡ଼ିଥିଲେ। ପରେ ଏକ ଠେଙ୍ଗାରେ ଶକ୍ତ ପ୍ରହାର କରିବାରୁ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ତେବେ ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇଥିବା ପଙ୍କଜିନୀ ମଧ୍ୟ ବାପ, ପୁଅଙ୍କ ଆକ୍ରମଣର ଶିକାର ହୋଇଥିଲେ। ସୋମନାଥଙ୍କୁ ବେତନଟୀ ଡାକରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

## ନାମଫଳକ ଓଡ଼ିଆରେ ନ ଲେଖିଲେ ମିଳିବନି ବ୍ୟାବସାୟିକ ଲାଇସେନ୍ସ

କରଞ୍ଜିଆ, ୬।୨ (ସମିସ): କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମିଳନୀ ପାଳନ ଅବସରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଓଡିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ ସ୍ୱାଗତ ଜଣାଇ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଓଡ଼ିଆ ନାମ ଫଳକ ଉପରେ କରଞ୍ଜିଆ ଏନ.ଏ.ସି. ଗୁରୁତ୍ୱ ଦେଇଛି। ଏଣିକି ଯେ କୌଣସି ବାଣିଜ୍ୟିକ ପ୍ରତିଷ୍ଠାନ ଲାଇସେନ୍ସ ଚାହେଁ ତାହାହେଲେ ଏନଏସି କର୍ତ୍ତୃପକ୍ଷ ପ୍ରଥମେ ନାମ ଫଳକ ଓଡ଼ିଆରେ ଲେଖିବା ଆବଶ୍ୟକ। ଏ ନେଇ ସୋମବାର ସନ୍ଧ୍ୟାରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ସଭାରେ ଘୋଷଣା କରିଛନ୍ତି। ଏହି ଘୋଷାଣାକୁ ସବୁ ଓଡ଼ିଆପ୍ରେମୀ କରତାଳି ଦେଇ ସ୍ୱାଗତ ଜଣାଇଥିଲେ। ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ମଧ୍ୟ ଏ ଦିଗରେ ପଦକ୍ଷେପ ନେଇଛନ୍ତି। ବ୍ୟାବସାୟିକ ପ୍ରତିଷ୍ଠାନରେ ଅଧିକ କର୍ମଚାରୀ ନିୟୋଜିତ ଥିଲେ ନାମ ଫଳକ ଓଡ଼ିଆରେ ଲେଖିବାକୁ ବାଧ୍ୟ; ନଚେତ ୫ରୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି ବୋଲି କହିଛନ୍ତି।

## ଶିକ୍ଷକ ନିରଞ୍ଜନ ବେହେରାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ବାଙ୍ଗିରିପୋଷି, ୬।୨ (ସମିସ): ବାଙ୍ଗିରିପୋଷି ଦ୍ୱାରଶୁଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିରଞ୍ଜନ ବେହେରାଙ୍କୁ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଶିକ୍ଷା



ପୁରସ୍କାର କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି। ଶିକ୍ଷକ ଶ୍ରୀ ବେହେରା ୨୦୧୯ ମସିହାରୁ ଦ୍ୱାରଶୁଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ। ସେ ଜଣେ ଛାତ୍ରୀବତ୍ସଳ, ପ୍ରକୃତିପ୍ରେମୀ, ସମୟୋଚିତ ଉଚିତ ନିଷ୍ପତ୍ତି, କର୍ତ୍ତବ୍ୟ ନିଷ୍ଠା ଯୋଗୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏ ନେଇ ଅଞ୍ଚଳର ବୁଦ୍ଧିଜୀବି, ଶିକ୍ଷାବିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ମେଘାସନ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ଶିବିର



ପିଙ୍ଗୁ, ୬।୨(ସମିସ): ମେଘାସନ ମହାବିଦ୍ୟାଳୟ ପରିସରରେ ଚାଲିଥିବା ବାଳିକାଙ୍କ ଆତ୍ମରକ୍ଷା ଶିବିର ଉଦଯାପିତ ହୋଇଯାଇଛି। ଏହି ଶିବିର ଗତ ଡିସେମ୍ବର ୧୮ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖରେ ଶେଷ ହୋଇଥିଲା। ବିଭିନ୍ନ ଦିବସରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରୁ ତିନି ଜଣ ଛାତ୍ରୀ ମାଷ୍ଟର ଟ୍ରେନର ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇଥିଲେ। ଉଦଯାପନ ଦିବସରେ ଅଧ୍ୟକ୍ଷ ପ୍ରମୋଦ ରାଉତଙ୍କର ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ପାଠୀ ମୁଖ୍ୟ ଅତିଥି ଏବଂ ଅଧ୍ୟାପକ ରୂପେଶ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ବିଜୟ କୁମାର ନାୟକ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରାଥିଲେ। ମଞ୍ଚାସୀନ ଅତିଥିମାନେ ଛାତ୍ରୀଙ୍କୁ ନିଜକୁ ପରିଶ୍ରମୀ, ସାହସ୍ୟ, ଧୈର୍ଯ୍ୟବାନ ହେବା ସହିତ ସହନଶୀଳ ଏବଂ ସେବା ପରାୟଣ ହେବାକୁ ପରାମର୍ଶ ଦେଇଥିଲେ। ପ୍ରୋଗ୍ରାମ୍ ଅଫିସର ଡ. କମଳିନୀ ପଣ୍ଡା ଅତିଥିଙ୍କୁ ସ୍ୱାଗତ ସ୍ୱାତୀ ସୁଚରିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଠାକୁରମୁଣ୍ଡା ବ୍ଲକର ୩ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପୁରସ୍କାର

ମହୁଲଡିହା, ୬।୨ (ସମିସ): ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ଠାକୁରମୁଣ୍ଡା ବ୍ଲକର ଚମ୍ପାଝର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାର୍ଦ୍ଦିକ ପଣ୍ଡା, ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷକ ସତ୍ୟନାରାୟଣ ମହାକୁଡ଼ ଏବଂ ଡକେଇପାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୁକିଲା ହେମ୍ବ୍ରମଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସମାରୋହରେ ବିଦ୍ୟାଳୟ ଏବଂ ଶିକ୍ଷକ/ପ୍ରଧାନ ଶିକ୍ଷକଙ୍କୁ ଟ୍ରଫି, ମାନପତ୍ର ଓ ନଗଦ ଅର୍ଥ ରାଶି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିପାଇଁ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ, ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ନାଏକ, ଚମ୍ପାଝର ସରପଞ୍ଚ, ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା, ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଅଞ୍ଚଳବାସୀ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସେହିପରି ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ସର୍ବଭାରତୀୟ ବ୍ୟାଣ୍ଡ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଦଖଲ କରିବାରେ ମୁଖ୍ୟ ବିନ୍ଧାଣି ଥିବା ଇଂରାଜୀ ଶିକ୍ଷକ ସତ୍ୟନାରାୟଣ ମହାକୁଡ଼ଙ୍କୁ ଡିଇଓ, ବିଇଓ ଏବଂ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।

## ମୟୂରଭଞ୍ଜ ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଘାଟିତ

କପ୍ତିପଦା, ୬।୨(ସମିସ): କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ମୟୂରଭଞ୍ଜ ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରୀ ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ଼ ଦେବାଶିଷ ମାରାଣ୍ଡି ଯୋଗଦେଇ ସ୍କାଉଟ୍ସ ଓ ଗାଇଡ୍ସମାନେ ସୁନାଗରିକ ରୂପେ ନିଜକୁ ଗଢି ତୋଳି ଆଗାମୀ ଦିନରେ ଦେଶ ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତାରୂପେ କପ୍ତିପଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର କୁମାର ପଟ୍ଟନାୟକ ସେବା ଓ ପରୋପକାରିତା ଭଳି ମହତ ଗୁଣର ଅଧିକାରୀ ହେବାକୁ ସ୍କାଉଟ୍ସ ଓ ଗାଇଡ୍ସଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଜିଲ୍ଲା ସମ୍ପାଦକ ଭାଗିରଥି ମଲ୍ଲିକ କ୍ୟାମ୍ପୋରୀର ଆଭିମୁଖ୍ୟ ଓ ନିୟମାବଳୀ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, କପ୍ତିପଦା ବ୍ଲକ ଶିକ୍ଷା ଅଧିକାରୀ ଦୀପକ କୁମାର




ମିଶ୍ର, ଅବସରପ୍ରାପ୍ତ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ବାଲେଶ୍ୱର ଜୋନାଲ ବୋର୍ଡ ଡେପୁଟି ସେକ୍ରେଟାରୀ ଇନ୍ଦ୍ରମଣି ସିଂ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ କୁନୁ ମୁର୍ମୁ ଓ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଙ୍ଗରାୟ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷକଭାବେ ଜିଲ୍ଲା ସ୍କାଉଟ୍ସ ସଂଗଠନ କମିଶନର ବିଜୟ କୁମାର ପାଣିଗ୍ରାହୀ, ଜିଲ୍ଲା ଗାଇଡ଼ ସଂଗଠନ କମିଶନର ସୁଲୋଚନା ମଙ୍ଗରାଜ, ପୂର୍ବତନ ଜିଲ୍ଲା ସ୍କାଉଟ୍ସ ସଂଗଠନ କମିଶନର ଓ ତାଲିମ କମିଶନର ଶରତ ଚନ୍ଦ୍ର ମହାନ୍ତ, ପୂର୍ବତନ ଜିଲ୍ଲା ସ୍କାଉଟ୍ସ ସଂଗଠନ କମିଶନର ସନ୍ତୋଷ କୁମାର କାସ୍ତ, ଜିଲ୍ଲା ସ୍କାଉଟ୍ସ ସଂଯୋଜକ ଚିତ୍ତରଞ୍ଜନ ପଲତା, ଜିଲ୍ଲା ଗାଇଡ଼ ସଂଯୋଜକ ବାସନ୍ତୀ ମହାନ୍ତ, ପୂର୍ବତନ ଜିଲ୍ଲା କମିଶନର ବିଜୟ କୁମାର ମହାନ୍ତି, ଜିଲ୍ଲା ତାଲିମ କମିଶନର ରମେଶ ଚନ୍ଦ୍ର ବିଶୋଇ, ସ୍କାଉଟ ମାଷ୍ଟର ଦୀପକ ରାମ ପ୍ରମୁଖ ଯୋଗ ଦେଇଛନ୍ତି। ଶିକ୍ଷକ ସନ୍ତୋଷ କୁମାର ସାହୁ ଅତିଥି ପରିଚୟ ଦେଇଥିଲେ। ପ୍ରଧାନଶିକ୍ଷକ ସିଙ୍ଗରାୟ ମୁର୍ମୁ ଧନ୍ୟବାଦ ଦେଇଥିଲେ। ତିନିଦିନ ଧରି ଲ୍ୟାସିଂ, ନୋଟିଂ, ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ, ରିୟାମ୍ପ ଶୋ, ବକ୍ତୃତା, ଖାଦ୍ୟ ପ୍ରସ୍ତୁତି, ଗ୍ରାମ୍ୟ ମେଳା, ପରମ୍ପରା ପ୍ରଦର୍ଶନୀ, ଟେଣ୍ଟ ତିଆରି, କୁଇଜ ଆଦି ପ୍ରତିଯୋଗିତା ହେବ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ହରିଶ୍ଚନ୍ଦ୍ର ରାଉତ, କେଶବ ବେହେରା, ଅବନୀ ଭଞ୍ଜ, ପଙ୍କଜ ବେହେରା, ପ୍ରଦୀପ ଚୌଧୁରୀ, ଅଭିନନ୍ଦନ ମହୁରୀ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଛନ୍ତି।

## ମଡର୍ଣ୍ଣ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ

ଉଦଳା, ୬।୨(ସମିସ): ଉଦଳାର ଅଗ୍ରଣୀ ନୃତ୍ୟଅନୁଷ୍ଠାନ ମଡର୍ଣ୍ଣ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏନ୍.ଏ. ସି ଚେୟାରମ୍ୟାନ ତଥା ବର୍ତ୍ତମାନର ୪ ନଂ ୱାର୍ଡ କାଉନସିଲର ସୌଭାଗ୍ୟ କୁମାର ସାହୁ। ସମ୍ମାନିତ ଅତିଥି ଭାବେ ଓଡିଶୀ ନୃତ୍ୟ ଗୁରୁ ଦିଗବାଳା ପରିଡ଼ା, ମଡର୍ଣ୍ଣ ଡ୍ୟାନ୍ସ ଶିକ୍ଷକ ବାରିପଦା ଅବଦୁଲ କରିମ ଖାନ୍, ପ୍ରଦୀପ କୁମାର ପାତ୍ର, ଗିରି ସଙ୍କର ବାରିକ, ଏମ୍.ଡି.ଏର ପରିଚାଳକ ରାଜକୁମାର ମାଝୀ ପ୍ରମୁଖ ଯୋଗ ଦେଇ ସ୍କୁଲ ଶିକ୍ଷା, ଖେଳ କସରତ ଭଳି ଗ୍ରାମାଞ୍ଚଳର ପିଲାମାନଙ୍କ କଳାର ମଧ୍ୟ ସାମଗ୍ରିକ ବିକାଶ ହେବାର ଆବଶ୍ୟକତା ରହିଛି। ଏଥିସହିତ ସାଧନା କଲେ ସିଦ୍ଧି ପ୍ରାପ୍ତି ହୁଏ ଏହି ନୃତ୍ୟ ସାଧନା କରି ଆମ ଅଞ୍ଚଳର ପିଲା ଜିଲ୍ଲା, ରାଜ୍ୟ, ଜାତୀୟ ସ୍ତରରେ ନିଜର ଟେକ ରଖନ୍ତୁ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନୃତ୍ୟ ଗୁରୁ କାହ୍ନୁ ପାତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀପ କୁମାର ନାୟକ, ମାନସ କୁମାର ବେହେରା, ସହକାରୀ ନୃତ୍ୟଗୁରୁ ଆକାଶ କୁମାର ହେମ୍ବ୍ରମ ସହଯୋଗ କରିଥିଲେ।




## କୁଷ୍ଠ ରୋଗ ନିବାରଣ ନିମନ୍ତେ ସମନ୍ୱୟ ସମିତି ବୈଠକ

ବାରିପଦା, ୬।୨ (ସମିସ): ମୟୂରଭଞ୍ଜ ଜିଲ୍ଲାରେ କୁଷ୍ଠ ରୋଗର ନିବାରଣ ନିମନ୍ତେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଆରମ୍ଭ ହୋଇଥିବା କୁଷ୍ଠ ନିବାରଣ ପକ୍ଷ ପାଇଁ ହେଉଥିବା ସଚେତନତା ଅଭିଯାନ ବିଷୟରେ ଜିଲ୍ଲାପାଳଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଅଭୟ କୁମାର ଦାଶ ଏବଂ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା ଶାନ୍ତନୁ କୁମାର ଦାଶ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ସୂଚନାନୁସାରେ, ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ୧.୯୬% ହାରରେ ରୋଗୀ ଚିହ୍ନଟ ହୋଇଥିବା ବେଳେ ବାର୍ଷିକ ହାର ୧୯.୬୧% ରୋଗୀଙ୍କର ଚିହ୍ନଟ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତ ଅଧିକାରୀଙ୍କୁ ଏହି ସଚେତନତା ଅଭିଯାନ ପାଇଁ ସୂଚନା, ଶିକ୍ଷା ଓ ମନୋରଞ୍ଜନ ଭିତ୍ତିରେ କାର୍ଯ୍ୟକ୍ରମ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଡୋର୍ ଟୁ ଡୋର୍ ସଚେତନତା ପାଇଁ ଅଧିକ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ଟେଲିଭିଜନ, ସୋସିଆଲ ମିଡ଼ିଆ ସହିତ ରେଡ଼ିଓ ବାର୍ତ୍ତା ପ୍ରେରଣ ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ବିଭିନ୍ନ ଅଧିକାରୀ ଯଥା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ଜ୍ୟୋତ୍ସ୍ନା ମହାନ୍ତି, ସହକାରୀ ପରିଚଳିକା (ଜାତୀୟ ସ୍ୱାସ୍ଥ୍ୟ ମିଶନ), ଶିକ୍ଷା ବିଭାଗ ପକ୍ଷରୁ ନିରଞ୍ଜନ ନାୟକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

ବେତନଟୀ, ୬।୨ (ସମିସ): ବେତନଟୀ ପୁଲିସ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଜବତକରି ମାମଲା ରୁଜୁ କରିବା ସହିତ ଗିରଫ ଚାଳକର ସ୍ୱାସ୍ଥ୍ୟପରୀକ୍ଷା କରାଇ ମଙ୍ଗଳବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ଗିରଫ ଟ୍ରାକ୍ଟର ଚାଳକ ଜଣକ ହେଉଛି ବଡସାହି ଥାନା ଅଧୀନ ଇଟାମୁଣ୍ଡିଆ ଉପକଣ୍ଠ ଜାଲଘେରା ଗ୍ରାମର ଚିତ୍ତରଞ୍ଜନ ମହାନ୍ତର ପୁଅ ସରୋଜ (୩୩)। ବଡସାହିରୁ ବେତନଟୀ ଅଭିମୁଖେ ଆସୁଥିବା ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହିତ ଚାଳକକୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ପରେ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ବଡ଼ଦୁନ୍ଦୁ ଓ ମୋରଣ୍ଡାରେ 'ଆମ ପଞ୍ଚାୟତ ବିକାଶର ଝଲକ' କାର୍ଯ୍ୟକ୍ରମ

# ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନାର ଫଳପ୍ରଦ ପୁସ୍ତିକା ଲୋକାର୍ପଣ

ରାଇରଙ୍ଗପୁର, ୬।୨ (ସମିସ):

ଆମଓଡ଼ିଶାନବୀନଓଡ଼ିଶାପୁସ୍ତିକାଲୋକାର୍ପଣ ଜରିଆରେ ଜନସାଧାରଣଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଛି। ଜାମଦା ବ୍ଲକର ବଡ଼ଦୁନ୍ଦୁ ଓ ମୋରଣ୍ଡା ପଞ୍ଚାୟତରେ 'ଆମ ପଞ୍ଚାୟତ ବିକାଶର ଝଲକ' ଓ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଏବଂ 'ଆମ ଓଡ଼ିଶା ସଶକ୍ତ ଓଡ଼ିଶା' କାର୍ଯ୍ୟକ୍ରମକୁ ବିଡ଼ିଓ ଦେବାଶିଷ୍ ପଣ୍ଡା ସଂଯୋଜନା କରିଥିଲେ। ଜିଲ୍ଲାପରିଷଦ ବାବୁଲୁ ଟୁଡୁ, ବଡ଼ଦୁନ୍ଦୁ ସରପଞ୍ଚ ସୁଖୀମଣି ସୋରେନ୍, ଉପାଧ୍ୟକ୍ଷ ଲକ୍ଷ୍ମୀ ଟୁଡୁ, ମୋରଣ୍ଡା ସରପଞ୍ଚ କାପୁରା ମାର୍ଣ୍ଡି, ପିଏସ୍ ମେମ୍ବର ବୀରେନ୍ଦ୍ର ବେହେରା ପ୍ରମୁଖ ଜନସାଧାରଣଙ୍କୁ ଆମ ବ୍ଲକର ବିକାଶ ଉପରେ ଅବଗତ କରାଇବା ସହିତ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନାରେ ଜନସାଧାରଣ ଫଳପ୍ରଦ ଆମ ଓଡ଼ିଶା ନୂଆ ଓଡ଼ିଶା ପୁସ୍ତିକା ଲୋକାର୍ପଣ କରିଥିଲେ।

ବଡଦୁନ୍ଦୁ ପଞ୍ଚାୟତରେ ୫-ଟି ମାଧ୍ୟମରେ ୬୦ ଲକ୍ଷ ଟଙ୍କା ବିନିମୟରେ ହାଇସ୍କୁଲର ରୂପାନ୍ତରୀକରଣ, ସହାୟତା ଯୋଜନାରେ ୫ଲକ୍ଷ ଟଙ୍କା ବ୍ୟୟରେ ଦୁନ୍ଦୁ ଜୁମା ମସଜିଦ୍‌ର



ଉନ୍ନତିକରଣ, ୮ଲକ୍ଷ ବ୍ୟୟରେ ବଡଦୁନ୍ଦୁ ଶିବ ମନ୍ଦିରର ଉନ୍ନତି କରଣ, ଅର୍ଥ କମିଶନ ପାଣ୍ଠିରୁ ଚାପଡ଼ା ଉଚ୍ଚ ପ୍ରାଥମିକ ସ୍କୁଲର ରକ୍ଷଣାବେକ୍ଷଣ, ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ, ଦୁନ୍ଦୁ କବରସ୍ଥାନର ଉନ୍ନତିକରଣ, ବ୍ଲକ ରାସ୍ତା ନିର୍ମାଣ, ମିଶନ ଶକ୍ତି ବିଭାଗ ତରଫରୁ ୨ ଲକ୍ଷ ଟଙ୍କା ଋଣ ସହାୟତାରେ ସୁରମି ଧୁରମି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଛେଳି ଚାଷ, ବସୁଧା ଯୋଜନା, ଖଡ଼ଖାଇ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସେତୁ ନିର୍ମାଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବଡ଼ଦୁନ୍ଦୁ ପଞ୍ଚାୟତର ଅଜାଙ୍ଗୀର୍ ବେଗ୍ ପାକସ୍ଥଳୀ କ୍ୟାନସର ଚିକିତ୍ସା ନିମନ୍ତେ ବିଏସ୍‌କେୱାଇ କାର୍ଡ ଜରିଆରେ ମାଗଣା ଚିକିତ୍ସା, ୧୨ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ, ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ୧୫୬୫ଟି ପରିବାର ସାମିଲ୍ ସହ ୮୦ ଜଣ ଉପକୃତ ହୋଇଛନ୍ତି।

ସେହିପରି ୨ଟି ପ୍ରକଳ୍ପ ପାଇଁ ୧୩ ଲକ୍ଷ, ୮୬୩ ପରିବାର କାଳିଆ ଯୋଜନାରେ ଯୁକ୍ତ, ୪୧୦ଜଣଙ୍କୁ ସୁରକ୍ଷା ଭତ୍ତା ପ୍ରଦାନ, ମିଶନ ଶକ୍ତି ଗୋଷ୍ଠୀଙ୍କୁ ୧୬୦ଲକ୍ଷର ବିନା ସୁଧରେ ଋଣ, ୧୫୬୫ ପରିବାରଙ୍କୁ ରେସନ୍ କାର୍ଡ଼, ୧୩୦ ଗର୍ଭବତୀଙ୍କୁ ମମତା ସହାୟତା, ଏଲ୍‌ଏସ୍ୱିଏସ୍ ମୋରଣ୍ଡା ୫ଟି ହାଇସ୍କୁଲ ୬୦ଲକ୍ଷ ଟଙ୍କାରେ ରୂପାନ୍ତରୀକରଣ, ଆଦର୍ଶ ଅଙ୍ଗନବାଡ଼ି ନିମନ୍ତେ ଓମ୍ବାଡ଼ିସି ପାଣ୍ଠି ଦ୍ୱାରା ୬.୭୫ଲକ୍ଷ ବ୍ୟୟରେ କଳାପାଣି ଠାରେ ନିର୍ମିତ ମମତା ଆବାସ, ୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମୋରଣ୍ଡା ଛକଠାରୁ ଲୋକନାଥପୁର ଗ୍ରେଡ୍ ୧ମେଟାଲ ରୋଡ଼, ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପଞ୍ଚାୟତ ଫେସିଲିଟି ସେଣ୍ଟର ମୋରଣ୍ଡା ମିଶନ ଶକ୍ତି ବିଭାଗ ତରଫରୁ ୫ ଲକ୍ଷର ଋଣ ସହାୟତାପ୍ରାପ୍ତ ହୋଇ ଦିବ୍ୟଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଫୁଲ ଚାଷ, ମା' ମନସା ଏସ୍‌ଏଚ୍‌ଜି ମିଶନ ଶକ୍ତି ବିଭାଗର ସହଯୋଗରେ ୫ଲକ୍ଷ ଟଙ୍କା ଋଣ ନେଇ ବତକ ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି।

ଅନ୍ୟପକ୍ଷରେ ମା' କୀଚକେଶ୍ୱରୀ ଏସ୍‌ଏଚ୍‌ଜି ପଞ୍ଚାୟତ ପୋଖରୀକୁ ୫ ବର୍ଷ ପାଇଁ ନିଲାମ ନେଇ ମାଛ, ବସୁଧା ଯୋଜନା, ମୋରଣ୍ଡା ଜିପି ଅଫିସର ସୁରକ୍ଷା, ମୋରଣ୍ଡା ଆଶ୍ରମ ସ୍କୁଲରେ ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଓ ୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ଓମ୍ବାଡ଼ିସି ପାଣ୍ଠିରୁ ମୋରଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ କ୍ଲାସ୍ ରୁମ୍, ଗ୍ରାନ୍ଥାଗାର, ଶୌଚାଳୟ, ସ୍ୱାସ୍ଥ୍ୟ ଭିତ୍ତିଭୂମି ନିମନ୍ତେ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ସ୍ଥାପନ, ରାଜ୍ୟ ସରକାରଙ୍କର ମୁଖ୍ୟମନ୍ତ୍ରୀ ସହାୟତା ସ୍ୱତନ୍ତ୍ର ଯୋଜନାରେ ୫ଲକ୍ଷ ଟଙ୍କା ଅଟକଳରେ ମୋରଣ୍ଡା ପିଢ଼ ଜନ୍ତାଳ ପୂଜା ମଣ୍ଡପର ଉନ୍ନତିକରଣ କରାଯାଇଥିବା ବ୍ଲକ ଅଧ୍ୟକ୍ଷ ଡୁମୁକା ହେମ୍ବ୍ରମ, ଜିଲ୍ଲାପରିଷଦ, ସରପଞ୍ଚ, ସମିତିସଭ୍ୟ, ଉପାଧ୍ୟକ୍ଷ ପ୍ରମୁଖ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ବିପିଏମ୍ ରଞ୍ଜନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

● ନାବାଳିକା ଅପହରଣ ମାମଲା

# ଦେଢ଼ ବର୍ଷ ପରେ ଅଭିଯୁକ୍ତ ଗିରଫ

**ରାମଚନ୍ଦ୍ରପୁର,୬।୨(ସମିସ):** ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅପହରଣ କରିବା ଅଭିଯୋଗର ଦେଢ଼ ବର୍ଷ ପରେ ଅଭିଯୁକ୍ତ ଯୁବକକୁ ପୋକ୍ସୋ ଆଇନ ବଳରେ ଗିରଫ କରାଯାଇଛି। ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରୀ ମାଇନା ପରେ ସୁଧାର ଗୃହକୁ ପଠାଇଛି ରାମଚନ୍ଦ୍ରପୁର ପୁଲିସ। ଘଟଣାରୁ ପ୍ରକାଶଯେ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଜନାର୍ଦ୍ଦନପୁର ପାଟଣା ଗ୍ରାମର ପଦନା ଦାସଙ୍କ ପୁଅ ରାଜକିଶୋର ଦାସ(୨୨)ସେହି ଗ୍ରାମର ଜନୈକା ୧୪ ବର୍ଷର ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଗତ ୨୦୨୨ ମସିହା ସେପ୍ଟେମ୍ବର ୧୩ ତାରିଖରେ ଗାଁରୁ ଉଠାଇ ନେଇ ଚମ୍ପଟ ମାରିଥିଲା। ଘଟଣାରେ ନାବାଳିକା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତ ଯୁବକ ନାଁରେ ୨୦୯/୨୨ରେ ଏକ ଅପହରଣ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ହେଲେ ଅଭିଯୁକ୍ତ ଯୁବକ କିମ୍ବା ନାବାଳିକାର କୌଣସି ପତ୍ତା ମିଳି ପାରିନଥିଲା। ଘଟଣାର ଦେଢ଼ ବର୍ଷ ପରେ ଅଭିଯୁକ୍ତ ଯୁବକ ନାବାଳିକା ଯୁବତୀକୁ ଧରି ନିଜ ଗାଁ ଜନାର୍ଦ୍ଦନପୁର ପାଟଣାକୁ ଫେରିଥିଲା। ଘଟଣା ସମ୍ପର୍କରେ ଖବର ପାଇ ରାମଚନ୍ଦ୍ରପୁର ପୁଲିସ ଗତରାତିରେ ଚଢ଼ଉ କରି ଅଭିଯୁକ୍ତ ରାଜକିଶୋର ଦାସକୁ ଗିରଫ କରିବା ସହ ନାବାଳିକାକୁ ଉଦ୍ଧାର କରିଥିଲା। ଆଜି ନାବାଳିକାକୁ ଡାକ୍ତରୀ ମାଇନା ପରେ ଅଦାଲତରେ ହାଜର କରାଯାଇଥିଲା। ନ୍ୟାୟାଧୀଶଙ୍କ ନିର୍ଦ୍ଦେଶରେ ନାବାଳିକାକୁ ସୁଧାର ଗୃହକୁ ପଠା ଦିଆଯାଇଛି। ସେପଟେ ଗିରଫ ଯୁବକକୁ ପୋକ୍ସୋ ଆଇନ ବଳରେ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଥିବା ଜଣାପଡିଛି।

# ଛୁଆକୁ ଝୁରୁଛି ମା'ହାତୀ

## ଛାଡ଼ିଯାଉନି ମୃତଦେହ ପୋତାସ୍ଥାନ

**ଯୋଡ଼ା,୬।୨(ସମିସ)**



ଦୁନିଆର ସବୁଠାରୁ ସୁନ୍ଦର ଶବ୍ଦ ହେଉଛି ମା'। ସ୍ନେହ, ପ୍ରେମ ତ୍ୟାଗ ଓ ତପସ୍ୟାର ସୀମାହୀନ ସାଗର ହେଉଛି ମା'। ମା', ଶବ୍ଦଟି ଛୋଟ ହୋଇପାରେ; କିନ୍ତୁ ଅର୍ଥ ବ୍ୟାପକ। ନିଜ ଗର୍ଭର ଛାୟାରେ ଆଉ ଏକ ଜୀବନକୁ ପାଳି ଗୋଟିଏ ନୂତନ ସମ୍ଭାବନାକୁ ଯେ ସଂସାରକୁ ଆଣେ ସେ ହେଉଛି ମା'। ମଣିଷ ହେଉ ଅବା ବନ୍ୟପ୍ରାଣୀ, ମା'ର ଅନାବିଳ ମମତାର ପଟାନ୍ତର ନାହିଁ। ସନ୍ତାନକୁ ହରାଇବାର କଷ୍ଟ କ'ଣ ତାହା ଜଣେ ମା' ହିଁ ଅନୁଭବ କରିପାରିବ। ତାହା ହିଁ ଦେଖିବାକୁ ମିଳିଛି ଏକ ମାଆ ହାତୀ ନିକଟରେ। ଭୁଲି ପାରୁନାହିଁ ସେ ନିଜ ଛୁଆକୁ। ଛୁଆର ମୃତଦେହ ପୋତା ସ୍ଥାନ ନିକଟରେ ଠିଆହୋଇ ଝରାଉଛି ଲୁହ। ଅପେକ୍ଷା କରିଛି ଛୁଆର ଫେରି ଆସିବା ବାଟକୁ। ସେ କିଛି ନ କହିଲେ ବି ସବୁକିଛି ବାରି ହୋଇପଡୁଛି ତା' ମୁଖ ମଣ୍ଡଳରୁ। ଏଭଳି ଏକ ହୃଦୟସ୍ପର୍ଶୀ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନ୍ ଡଡୁଆଁ ଜଙ୍ଗଲରେ। ରବିବାର ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନ ଡଡୁଆଁ ଗାଁ ନିକଟରେ ଏକ ନବଜାତ ହାତୀ ଶାବକର ମୃତ୍ୟୁ ପରେ ରାତିତମାମ ମା' ହାତୀ ତା'ର ମଲା ଛୁଆ ପାଖରେ ଜଗି ରହିଥିଲା। ଗତ ରବିବାର ରାତି ୮ଟାରେ ଏଠାରେ ୧୨ ଟିକିଆ ହାତୀ ପଲରୁ ଏକ ହାତୀ ଛୁଆ ଜନ୍ମ କରିଥିଲା। ହେଲେ କୌଣସି କାରଣରୁ ହାତୀ ଛୁଆର ମୃତ୍ୟୁ ଘଟିଥିଲା। ସୋମବାର ଅପରାହ୍ନରେ ମାଆ ହାତୀଟି ଦୂରକୁ ଚାଲିଗଲା ପରେ ମୃତହାତୀ ଶାବକର ବ୍ୟବଚ୍ଛେଦ କରାଯାଇ ବନ ବିଭାଗ ଦ୍ୱାରା ସେହିଠାରେ ହିଁ ଗାତ ଖୋଳି ପୋତି ଦିଆଯାଇଥିଲା। ଏଥି ସହିତ ସମାଧି ଉପରେ କିଛି ଫୁଲ ଦେଇ ସେଠାରେ ଧୂପ ଲଗାଯାଇଥିଲା। ହେଲେ ତା'ପରେ ଦୁଃଖରେ ମ୍ରିୟମାଣ ହୋଇ ପଡିଥିବା ମା' ହାତୀ ତା'ର ଛୁଆର ସମାଧି ପାଖରେ ଠିଆ ହୋଇ ଲୁହ ଝରାଉଥିବା ଦେଖିବାକୁ ମିଳିଥିଲା। ଏଭଳି ଦୃଶ୍ୟକୁ ପିସିସିଏଫ୍ ସୁଶାନ୍ତ ନନ୍ଦ ନିଜ ସୋସିଆଲ ମିଡିଆ 'ଏକ୍ସ'ରେ ଜାରି କରିବା ସହିତ ଜଣେ ମା'ର ସନ୍ତାନ ପ୍ରତି ଥିବା ଅନାବିଳ ପ୍ରେମର ଅବିସ୍ମରଣୀୟ ଦୃଶ୍ୟ ବୋଲି ଉଲ୍ଲେଖ କରିଛନ୍ତି। କେନ୍ଦୁଝର ବନ ବିଭାଗ ଏହାକୁ ରିପୋଷ୍ଟ କରିଛି। ମା' ଓ ହାତୀ ଛୁଆ ମଧ୍ୟରେ ଥିବା ଏଭଳି ଅନାବିଳ ସ୍ନେହ, ମମତା ବନ୍ୟ ପ୍ରାଣୀ ପ୍ରେମୀଙ୍କ ହୃଦୟକୁ ଆନ୍ଦୋଳିତ କରିବା ସହ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଛି।

# ଅଟୋ-ଟ୍ରେଲର ଧକ୍କା; ଅଟୋ ଚାଳକ ଗୁରୁତର

**ଚମ୍ପୁଆ,୬।୨(ସମିସ):** ଚମ୍ପୁଆ ଥାନା ଅନ୍ତର୍ଗତ ପ୍ରତାପପଶି ଛକ ନିକଟରେ ରିମୁଳି ପଟୁ ଚମ୍ପୁଆ ଆଡକୁ ଥିବା ୨୦ ନମ୍ବର ଜାତୀୟ ରାଜପଥ ପ୍ରତାପପଶି ନିକଟବର୍ତ୍ତୀ ଛକ ନିକଟରେ ଏକ ମାଲବାହି ଅଟୋ ସହିତ ଏକ ଟ୍ରେଲରର ଦୁର୍ଘଟଣା ଘଟି ଜଣେ ଗୁରୁତର ଆହତ ହୋଇଛି। ଅଟୋଟି କାଳିକା ପ୍ରସାଦ ଆଡୁ ରିମିଲୁକୁ ଯାଉଥିଲା ବେଳେ ବିପରୀତ ଦିଗରୁ ଚମ୍ପୁଆ ଆଡକୁ ଆସୁଥିବା ଏକ ଟ୍ରେଲର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଟୋ ଚାଳକ ଅଭିନାଶ ବେଷ୍ଟକାର (୩୫) ଗୁରୁତର ହୋଇଥିବା ବେଳେ ଉକ୍ତ ଅଟୋରେ ପଛପଟେ ବସିଥିବା ହୁଞ୍ଜାପଶି ଗ୍ରାମର ରାଜକୁମାର ମୁଣ୍ଡା (୪୦) ଆହତ ହୋଇଥିବା ଜଣାଯାଇଛି। ତେବେ ଘଟଣାସ୍ଥଳରେ ଥିବା ସ୍ଥାନୀୟ ଲୋକ ଏନେଇ ସଙ୍ଗେସଙ୍ଗେ ଆମ୍ବୁଲାନ୍ସକୁ ଖବର ଦେବାପରେ ଉଭୟଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ଡାକ୍ତର ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରିବା ସହିତ ଅଭିନାଶଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବା ବେଳେ ରାଜକୁମାର ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଚମ୍ପୁଆ ପୁଲିସ ଏ ନେଇ କେଶ ନଂ ୭୧/୨୪ରେ ମାମଲା ରୁଜୁ କରି ଟ୍ରେଲର ଜବତ କରିବା ସହିତ ଟ୍ରେଲର ଡ୍ରାଇଭରକୁ ଅଟକ ରଖିଛି।

# ମନ୍ଦିର ପୂଜାରୀଙ୍କ ପରଲୋକ

**ବେଲବାହାଳି,୬।୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ପୂଜାରୀ ରଘୁନାଥ ପଣ୍ଡା (୯୦) ଙ୍କର ପରଲୋକ ହୋଇଯାଇଛି। ଦୀର୍ଘ ଛଅ ମାସ ହେବ ତାଙ୍କ ଦେହ ଅସୁସ୍ଥ ଥିବାରୁ ସେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ସ୍ୱାସ୍ଥ୍ୟରେ କୌଣସି ପ୍ରକାରର ସୁଧାର ନଆସିବାରୁ ପରିବାର ଲୋକେ ତାଙ୍କୁ ଘରକୁ ଆଣି ଘରୋଇ ଚିକିତ୍ସା କରୁଥିଲେ। ହଠାତ ଆଜି ସକାଳୁ ଦେହରେ ଯନ୍ତ୍ରଣା ଅନୁଭବ କରିଥିଲେ। କିଛି ସମୟ ପରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସେ ଜଣେ ପରୋପକାରୀ ଓ ହୃଦୟବାନ ମଣିଷ ଥିଲେ। ସେ ଦୀର୍ଘ ୫୦ ବର୍ଷ ହେବ ବିଭିନ୍ନ ମନ୍ଦିରରେ ଦେବାଦେବୀଙ୍କୁ ପୂଜା କରି ବହୁ ଖ୍ୟାତି ଅର୍ଜନ କରିଥିଲେ।



# ଧର୍ମପରାୟଣଙ୍କ ପରଲୋକ

**ହାଟଡ଼ିହୀ,୬।୨(ସମିସ):** ହାଟଡ଼ିହୀ ବ୍ଲକ୍ ଜମ୍ବିରା ଗ୍ରାମର ୭୫ବର୍ଷୀୟ ରାମଚନ୍ଦ୍ର ସାହୁଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ମିଷ୍ଟଭାଷୀ, ପରୋପକାରୀ ଭାବେ ପରିଚିତ। ତାଙ୍କ ମୃତ୍ୟୁଖବର ପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି। ଏହି ସମୟରେ ପୁଅ, ଝିଅ-ଜ୍ୱାଇଁ, ନାତୁଣୀ ସହ ପ୍ରିୟଜନମାନେ ଉପସ୍ଥିତ ରହିଥିଲେ।

# ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ସୋସୋ,୬।୨(ସମିସ):** ହାଟଡିହୀ ବ୍ଲକ ନିଶାକର ଉଚ୍ଚ ବିଦ୍ୟାଳୟ ବାରିଗାଁରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ବିଇଓ ଧନେଶ୍ୱର ଖଣ୍ଡେଇ, ମୁଖ୍ୟବକ୍ତା ଶିବ ପ୍ରସାଦ ଖାମୁରାଇ, ସମ୍ମାନୀତ ଅତିଥି ଭାବେ ଅଶୋକ କୁମାର ପୁହାଣ, ପ୍ରମୋଦ କୁମାର ନାୟକ, ଶିକ୍ଷାରତ୍ନ ଦିଲ୍ଲିପ କୁମାର ମିଶ୍ର, ମୃତ୍ୟୁଞ୍ଜୟ ପଲେଇ, ନବଘନ ନାୟକ, ବିକ୍ରମ କେଶରୀ ବିଶ୍ୱାଳ, ରବିନାରାୟଣ ପାତ୍ର, କେଶବ ଚନ୍ଦ୍ର କର, ଶିଶିର କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ ଓ ଅଭିଭାବକମାନେ ଉପସ୍ଥିତ ପରିଚାଳନା ଓ ସହଯୋଗ କରିଥିଲେ।

# ସତ୍‌ସଙ୍ଗ କମିଟି ବ୍ରାହ୍ମଣ ସମାଜ ବୈଠକ

**ଆନନ୍ଦପୁର,୬।୨(ସମିସ):** ଆନନ୍ଦପୁର ନିକଟସ୍ଥ ଶ୍ରୀକୁଣ୍ଡେଶ୍ୱର ମହାଦେବଙ୍କ ପୀଠରେ ସତସଙ୍ଗ କମିଟି ବ୍ରାହ୍ମଣ ସମାଜର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବନୋଜ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବ୍ରାହ୍ମଣ ସମାଜ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ସେବାମୂଳକ କାର୍ଯ୍ୟକଳାପ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ମାର୍ଚ୍ଚ ମାସରେ ବ୍ରାହ୍ମଣ ସମାଜ ପକ୍ଷରୁ ଏକ ବିଶ୍ୱଶାନ୍ତି ଯଜ୍ଞ, ନିଶୁଳ୍କ ବ୍ରତୋପନୋୟନ କରାଯିବାକୁ ସ୍ଥିର କରାଯାଇଥିଲା। ଏହି ବୈଠକରେ ଉପଦେଷ୍ଟା କମିଟି ସଦସ୍ୟ ପୁରୁଷୋତମ ମିଶ୍ର, କେଶବ ଚନ୍ଦ୍ର ପାଢୀ, ଅରୁଣ ପାଢୀ, ଗୋଲକ କୁମାର ପାଢୀ, ବିଷ୍ଣୁ ମିଶ୍ର, ଯଦୁମଣି ମିଶ୍ର, ଅଞ୍ଜନ କୁମାର ମିଶ୍ର, ନିରଞ୍ଜନ ଦାଶ, ଅଜିତ ମିଶ୍ର, ରାଜେନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୌରପାଳିକା ପକ୍ଷରୁ କବିତା ପାଠୋତ୍ସବ

**ଆନନ୍ଦପୁର,୬।୨(ସମିସ):** ବିଶ୍ୱ ସାହିତ୍ୟ ଭାଷା ସମ୍ମିଳନୀ ଉପଲକ୍ଷେ ଆନନ୍ଦପୁର ପୌରପାଳିକା ପକ୍ଷରୁ ଏକ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କ ତତ୍ତ୍ୱାବଧାନରେ ସାହିତ୍ୟିକ ରତ୍ନାକର ଦାସ ଏହି ଉତ୍ସବରେ ସଂଯୋଜନା କରିଥିଲେ। କବି ତ୍ରୈଲୋଚନ ସୂତାର, ପିତାମ୍ବର ବିଶ୍ୱାଳ, ସୁରେନ୍ଦ୍ରନାଥ ଜେନା, ଚତୁର୍ଭୁଜ ଜେନା, ରାମଚନ୍ଦ୍ର ଜେନା, ରଘୁନାଥ ପଣ୍ଡିତ, କୀର୍ତ୍ତନ ସାହୁ, ଅନୀଲ କୁମାର ସାହୁ, ସରୋଜ କୁମାର ସାହୁ, ରବିନ୍ଦ୍ର ପ୍ରସାଦ ଚାନ୍ଦ, ଜ୍ୟୋସ୍ନାରାଣୀ ଦାସ, ସାବିତ୍ରୀ ଦାସ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ପୌରଧକ୍ଷା ରଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ସାହିତ୍ୟିକ ଗଦାଧର ମିଶ୍ର, କବି ଡ. ଅଶୋକ କୁମାର ପୁହାଣ ଯୋଗ ଦେଇଥିଲେ। ଏହି ଅବସରରେ ଓଡିଆ ଭାଷା ସାହିତ୍ୟ ଓ କବିତା ଆବୃତ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୌରପାଳିକାର ଗୋଷ୍ଠୀ ସହାୟିକା ରାଜଶ୍ରୀ ମିଶ୍ର, ସହରାଞ୍ଚଳ ମିଶନ ପରିଚାଳକ ସୀମାଞ୍ଚଳ ନାଇକ, ସ୍ୱଚ୍ଛସାଥୀ ସଙ୍ଗୀତା ଦଳେଇ ଓ ମୁକ୍ତା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଆର୍ଯ୍ୟ ଦେବବ୍ରତ ସାମଲ ପରିଚାଳନା କରିଥିଲେ।

# କଣ୍ଟିଆପଡ଼ାରେ କ୍ରିକେଟ୍ ଟୁର୍ଣ୍ଣାମେଟ୍

**ପାଟଣା,୬।୨(ସମିସ):** ପାଟଣା ବ୍ଲକ୍ ଅନ୍ତର୍ଗତ କଣ୍ଟିଆପଡ଼ା ପଞ୍ଚାୟତ ଖେଳ ପଡ଼ିଆରେ ଜୟ ଲକ୍ଷ୍ମୀ ୟୁଥ କ୍ଲବ ଆନୁକୂଲ୍ୟରେ ସାତ ଦିନ ଧରି ଚାଲିଥିବା ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଟ ଉଦଯାପିତ ହୋଇଛି। ଏଥିରେ ୧୬ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ହରିଚନ୍ଦ୍ରପୁର ଓ ରାଇସୁଆଁ ମଦ୍ୟରେ ଖେଳା ଯାଇଥିଲା। ହରିଚନ୍ଦ୍ରପୁର ନିର୍ଦ୍ଧାରିତ ୮ ଓଭରରେ ୮୬ଟି ରନ୍ ସଂଗ୍ରହ କରିଥିଲା। ରାଇସୁଆଁ ଦଳ ୮୭ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଅମ୍ପିୟାର ଭାବେ ପତି ମହାରଣା ଓ କ୍ଷୀରୋଦ ନାଏକ ଖେଳ ପରିଚାଳନା କରିଥିଲେ। ଶୁଶିଲ୍ କୁମାର ନାଏକ, ଗଙ୍ଗାଧର ନାଏକ, ଓଡ଼ିଆରେ ଓ ହିନ୍ଦୀ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସତ୍ୟବ୍ରତ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତା ଉଖୁଣ୍ଡା ମଣ୍ଡଳ ସଭାପତି ପ୍ରବୀର ରଞ୍ଜନ ନାଏକ, ସଂମ୍ମାନୀତ ଅତିଥି ବିଜେପି ନେତ୍ରୀ ମମିତା ନାଏକ ଯୋଗ ଦେଇଥିଲେ। ଜୟ ମା ଲକ୍ଷ୍ମୀ ୟଥ୍ କ୍ଲବର ସଭାପତି ଦୀପକ ନାଏକ, ସମ୍ପାଦକ ଲିପୁନ ନାଏକ ସଦସ୍ୟ ଲିପୁ ନାଏକ, ପତି ନାଏକ, କ୍ଷୀରୋଦ ନାଏକ,କାର୍ତିକ ନାଏକ, ମନରଞ୍ଜନ ନାଏକ, ରବୀନ୍ଦ୍ର ନାଏକ, ସୁରେଶ ଚନ୍ଦ୍ର ନାଏକ, କ୍ଷୀରୋଦ କୁମାର ମହାନ୍ତ ପ୍ରମୁଖ ଖେଳରେ ସହଯୋଗ କରିଥିଲେ।

● ଗ୍ରାହକ ହୋଇ ଆସିଲେ; ଦୋକାନୀକୁ ଲୁଟିଲେ

# ଅଳଙ୍କାର ଦୋକାନରୁ ଲୁଟିନେଲେ ମଙ୍ଗଳସୂତ୍ର

**ତୁରୁମୁଙ୍ଗା,୬।୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟରାଜପଥ କଡ଼ ଝାରବେଡା ଛକର ସାହୁ ମାର୍କେଟ କମ୍ପ୍ଲେକ୍ସର ଉପର ମହଲାରେ ଥିବା ମୋ ମା' ଅଳଙ୍କାର ଦୋକା ରୁ ମଙ୍ଗଳବାର ସନ୍ଧ୍ୟାରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟିନେଇଛନ୍ତି ଦୁଇ ଦୁର୍ବୃତ୍ତ। ଦୁର୍ବୃତ୍ତମାନେ ହିନ୍ଦୀ ଭାଷାରେ କଥା ହେଉଥିବା ବେଳେ ଗ୍ରାହକ ଭାବରେ ଆସି ମଙ୍ଗଳସୂତ୍ର ଦେଖିବାକୁ କହିଥିଲେ। ଦୋକାନୀ ସେମାନଙ୍କୁ ଦୋକାନରେ ଥିବା ବିଭିନ୍ନ ମଙ୍ଗଳସୂତ୍ର ଦେଖାଇଥିଲେ। ପରେ ପରେ ମଙ୍ଗଳ ସୂତ୍ରର ବଲ କିଣି ଅଗ୍ରୀମ ୧ ହଜାର ଟଙ୍କା ଦେଇଥିଲେ। ବାହାରେ ସ୍ତ୍ରୀ ଛିଡା ହୋଇଛନ୍ତି ଆସିକି ଟଙ୍କା ଦେଇଛୁ କହି ଚତୁରତାର ସହ ଦୋକାନୀ ଦେଖାଇଥିବା ୧୭ଟି ମଙ୍ଗଳ ସୂତ୍ରକୁ ଧରି ଦୋକାନ ବାହାରକୁ ଆସି ବାଇକ୍ ଯୋଗେ କେନ୍ଦୁଝର ଆଡ଼କୁ ପଳାଇଥିଲେ। ଏନେଇ ଦୋକାନ ମାଲିକ ତୃପ୍ତିରଞ୍ଜନ ସାହୁ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଲୁଟ୍ ହୋଇଥିବା ମଙ୍ଗଳସୂତ୍ର ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି ଦୋକାନୀ ମାଲିକ କହିଛନ୍ତି। ତେବେ ଲୁଟିନେଇଥିବା ସମୟର ସମସ୍ତ ଚିତ୍ର ସିସିଟିଭିରେ କଏଦ ହୋଇଛି। ତୁରୁମୁଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରିରଖିଛି।

# ନବ ନିଯୁକ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ଗ୍ରାମବାସୀଙ୍କ ବିରୋଧ

**ପାଟଣା/ତୁରୁମୁଙ୍ଗା, ୬।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବାଲିବନ୍ଧ ଅଙ୍ଗନବାଡ଼ି କେନ୍ଦ୍ରର ନବନିଯୁକ୍ତ କର୍ମୀ ସୁକାନ୍ତି ନାଏକଙ୍କୁ କେନ୍ଦ୍ରରେ ପୂରାଇ ଦେଲେନି ଗ୍ରାମର ମହିଳା। ଆଜି ପ୍ରଥମ ଦିନ ସରକାରୀ କାର୍ଯ୍ୟରେ ସମ୍ପୃକ୍ତ କେନ୍ଦ୍ରର କର୍ମୀ ଭାବେ କାର୍ଯ୍ୟରେ ଯୋଗ ଦେବାକୁ ସେ ଯାଇଥିଲା ବେଳେ ଲୋକଙ୍କ ରୋଷର ଶିକାର ହୋଇଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ପୁଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିବା ଜଣାପଡ଼ିଛି। ଆଭିଯୋଗରୁ ପ୍ରକାଶ, ବାଲିବନ୍ଧ ଗ୍ରାମର ଏହି ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ନିଯୁକ୍ତି ନିମନ୍ତେ ଗତ ଅକ୍ଟୋବର ମାସରେ ପାଟଣା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏସ୍‌ଟି ଓ ଏସ୍‌ସି ବର୍ଗର ଯୁକ୍ତ ୨ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥନୀମାନେ ଏହି ପଦବୀ ପାଇଁ ଆବେଦନ କରିପାରିବେ ବୋଲି ବିଜ୍ଞପ୍ତି ଦର୍ଶା ଯାଇଥିଲା। ସମ୍ପୃକ୍ତ ଅଞ୍ଚଳରେ ଏସ୍‌ଟି ବର୍ଗର ଯୋଗ୍ୟ ପ୍ରାର୍ଥିନୀ ଉପଲବ୍ଧ ନ ହେଲେ ପଡୋଶୀ ଗ୍ରାମର ପ୍ରାର୍ଥିନୀଙ୍କ ଆବେଦନକୁ ବିଚାରକୁ ନିଆଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। ଏହି କ୍ରମରେ ସମ୍ପୃକ୍ତ ଗ୍ରାମର ୩ ଜଣ ଏସ୍‌ସି ବର୍ଗରୁ ଏବଂ ପଡୋଶୀ ଗାଲଫୁଲା ଗ୍ରାମରୁ ଏସ୍‌ଟି ବର୍ଗରୁ ଜଣେ ପ୍ରାର୍ଥିନୀ ଆବେଦନ କରିଥିଲେ। ଗତ ଜାନୁଆରୀ ୧ ତାରିଖରେ ଏସ୍‌ଟି ବର୍ଗର ପ୍ରାର୍ଥିନୀ ସୁକାନ୍ତି ନାଏକ ଏହି ପଦବୀ ନିମନ୍ତେ ଚୟନ ହୋଇଥିବା ଖବର ଜାଣି ଗ୍ରାମର ମହିଳାମାନେ ସମ୍ପୃକ୍ତ କେନ୍ଦ୍ରରେ ଆନ୍ଦୋଳନ କରିଥିଲେ। ସମ୍ପୃକ୍ତ ଗ୍ରାମରୁ ଆବେଦନ କରିଥିବା ଏସ୍‌ସି ବର୍ଗର ୩ ଜଣଙ୍କ ମଧ୍ୟରୁ ଜଣଙ୍କୁ ନିଯୁକ୍ତି କରାଯିବା ଦାବିରେ ଆନ୍ଦୋଳନ ଜାରି ରହିଥିଲା। ନିୟମ ଅନୁଯାୟୀ ପ୍ରାର୍ଥିନି ଚୟନ ହେବେ ବୋଲି ବିଭାଗୀୟ ଅଧିକାରୀ କହିବା ପରେ ଲୋକେ ଶାନ୍ତ ପଡ଼ିଥିଲେ। ତେବେ ପଡୋଶୀ ଗାଲଫୁଲା ଗ୍ରାମର ସୁକାନ୍ତୀ ନାଏକ ଏହି କେନ୍ଦ୍ରର କର୍ମୀ ନିଯୁକ୍ତି ପାଇ ଆଜି କାର୍ଯ୍ୟରେ ଯୋଗ ଦେବାକୁ ଆସି ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ।



# ସୂଚନା ଅଧିକାର ଆଇନ ତାଲିମ କାର୍ଯ୍ୟକ୍ରମ

**କେନ୍ଦୁଝର,୬।୨(ସମିସ):** ମଙ୍ଗଳବାର ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପାଇଁ ନିୟୋଜିତ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଏବଂ ଜନସୂଚନା ଅଧିକାରୀଙ୍କ ପାଇଁ ସୂଚନା ଅଧିକାରୀ ଆଇନ ସଂପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲାଙ୍କ ଉପସ୍ଥିତିରେ ୧୦୦ ଜଣ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଜନସୂଚନା ଅଧିକାରୀ ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭିଡିଓ କନଫରେନ୍ସିଂ ଜରିଆରେ ରାଜ୍ୟସ୍ତରର ଆର୍‌ଟିଆଇ ପିଏମ୍‌ୟୁର ଡମେନ ଏକ୍ସପର୍ଟ ତାଲିମ ପ୍ରଦାନ କରିଥିଲେ। ବିଶେଷତଃ ସୂଚନା ଅଧିକାର ଆଇନ-୨୦୦୫ ର ୟୁ/ଏସ୍ ୪(୧)ବି ଅନ୍ତର୍ଗତ ମାଣ୍ଡାଟୋରି ପ୍ରୋଭିଜନ ଅଫ୍ ପ୍ରୋଆକ୍ଟିଭ ଡିସକ୍ଲଜର ସଂପର୍କରେ ବିଶଦ ଭାବେ ତାଲିମ ପ୍ରଦାନ କରାଯାଇଥିଲା। ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ଏବଂ ଏ ସଂପର୍କରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ସଂପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ସରକାରୀ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ ଏବଂ ଜନସୂଚନା ଅଧିକାରୀମାନେ ସତର୍କତା ଅବଲମ୍ବନ କରିବା ସହ ନିଷ୍ଠାର ସହ ସୂଚନା ଅଧିକାର ଆଇନ ଅନ୍ତର୍ଗତ ମାଣ୍ଡାଟୋରି ପ୍ରୋଭିଜନ ଅଫ୍ ପ୍ରୋଆକ୍ଟିଭ ଡିସକ୍ଲଜର ଯଥାବିଧି ଅନୁପାଳନ ଏବଂ ଅପଡେସନ ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କର୍ମଶାଳାରେ ସୂଚନା ଅଧିକାର ଆଇନର ମାଣ୍ଡାଟୋରି ପ୍ରୋଭିଜନ ଅଫ୍ ପ୍ରୋ ଆକ୍ଟିଭ ଡିସକ୍ଲଜରରେ ଥିବା ୧୭ଟି ପଏଣ୍ଟ ଉପରେ କିପରି ଅନ୍‌ଲାଇନ ମାଧ୍ୟମରେ ତଥ୍ୟ ପୂରଣ ସହ ଅପଡେସନ କରାଯିବ ସେ ସଂପର୍କରେ ବିଶେଷଜ୍ଞ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଉପନିର୍ଦ୍ଦେଶକ ସୂଚନା ଓ ଲୋକସଂପର୍କ କେନ୍ଦୁଝର ସଞ୍ଜୀବ ବାରିକଙ୍କ ତତ୍ତ୍ୱାବଧାନରେ କେନ୍ଦୁଝର ଜିଲାରେ ଉକ୍ତ ତାଲିମ କାର୍ଯ୍ୟକ୍ରମ ସଂପାଦିତ ହୋଇଥିଲା।

# ସିନିଅର ସିଟିଜେନ ଫୋରମ ପକ୍ଷରୁ ଦାବିପତ୍ର

**କେନ୍ଦୁଝର,୬।୨(ସମିସ):** ସିନିଅର ସିଟିଜେନ ଫୋରମ୍ କେନ୍ଦୁଝରଗଡ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକମାନେ କରିଥିବା ଦାବିଗୁଡିକ ମଧ୍ୟରେ ପୁରୁଣା ସହର ନିକଟରେ ଅନେକ ଦିନରୁ ସ୍ଥାପିତ ବସ୍ ଟର୍ମିନାଲର ବସ୍ ରହଣିର ବ୍ୟବସ୍ଥା, ହୋଇପାରିଲେ କେନ୍ଦୁଝର ସହରର ଟ୍ରାଫିକ ସମାସ୍ୟାରେ ସୁଧାର ଆସିପାରନ୍ତା। କେନ୍ଦୁଝରଗଡ ରେଳଷ୍ଟେସନ ଠାରୁ ସିଦ୍ଧମଠ ପର୍ଯ୍ୟନ୍ତ ଟାଉନ ବସ୍ ଚଳାଚଳ ଦିଗରେ ପଦକ୍ଷେପ ନିଆଯାଉ। ମୁଖ୍ୟ ରାସ୍ତାକୁ ଓସାରିଆ କରିବା ଦିଗରେ ପଦକ୍ଷେପ ନିଆଯାଉ। ସିଦ୍ଧମଠ ଠାରୁ ମାଉସୀ ମା'ମନ୍ଦିର ପର୍ଯ୍ୟନ୍ତ ରସ୍ତାକୁ ଓସାରିଆ କରି ମନ୍ଦିର ଏବଂ ବଳଦେବଜୀଉଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଜାତୀୟ ରାଜପଥରୁ ଆସିବାର ସୁଗମ ବ୍ୟବସ୍ଥା ନିମନ୍ତେ ଦାବି କରାଯାଇଛି।

# ଚମ୍ପୁଆ ପୁଲିସ ପକ୍ଷରୁ ବର୍ଡର ଚେକିଂ କଡ଼ାକଡ଼ି

**ଚମ୍ପୁଆ, ୬।୨(ସମିସ):** ଚମ୍ପୁଆ ପୁଲିସ ପକ୍ଷରୁ ଏମ୍‌ଭି ଚେକିଂକୁ କଡ଼ାକଡ଼ି କରିଥିବା ବେଳେ ଚମ୍ପୁଆର ଓଡ଼ିଶା ଓ ଝାଡଖଣ୍ଡ ବର୍ଡର ଠାରେ ନାକା ଲଗାଇ ଗାଡ଼ି ଚେକିଂ ଜୋର କରାଯାଇଛି। ବର୍ଡର ଅଞ୍ଚଳରେ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ ଓ ଆଇଆଇସି ଦେବକୀ ନାଏକଙ୍କ ଉପସ୍ଥିତିରେ ଚେକିଂ ଜୋର କରାଯାଇଥିବା ବେଳେ ଗାଡ଼ି ଗୁଡିକର କାଗଜପତ୍ର, ଡ୍ରାଇଭରମାନଙ୍କର ସିଟବେଲ୍ଟ ଆଦି ଚେକିଂ କରାଯାଇଥିଲା। ହେଲମେଟ, ଲାଇସେନ୍ସ ଆଦି ଚେକିଂ କରାଯାଇଛି। ସୂଚନା ମୁତାବକ ଚଳିତ ମାସ ୧ ତାରିଖରୁ ୫ ତାରିଖ ମଧ୍ୟରେ ଚମ୍ପୁଆ ପୁଲିସ ଏମ୍‌ଭି ଚେକିଂ ମାଧ୍ୟମରେ ୭୭ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ପ୍ରକାଶ କରିଛନ୍ତି ବେଳେ ଆଗକୁ ଏହି ଚେକିଂ କଡ଼ା କଡ଼ି କରାଯିବା ସହିତ ଚୋରା ମଦ ବିକ୍ରି ଉପରେ ଚଢ଼ାଉକୁ ଜୋର କରାଯିବ ବୋଲି ଏସଡିପିଓ ବିଜୟ ମଲ୍ଲୀକ ସୂଚନା ଦେଇଛନ୍ତି।

# କାନପୁରର ବିଦ୍ୟାଳୟରେ ବିଜ୍ଞାନ ଉଦ୍ୟାନ ଖୋଲିଲା

**ସୋସୋ, ୬।୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସରକାରୀ ଉପ୍ରା ବିଦ୍ୟାଳୟ କାନପୁରର ବିଜ୍ଞାନ ଉଦ୍ୟାନ ଓ ଗଣେଶ ମୂର୍ତ୍ତୀ ଉନ୍ମୋଚନ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମର ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିନୀତା ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠି ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀ, ଅତିଥି ଭାବେ ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ବିଇଓ ଧନେଶ୍ୱର ଖଣ୍ଡେଇ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଏବିଇଓ ପ୍ରମୋଦ କୁମାର ନାୟକ, କମିଟି ଚେୟାରମ୍ୟାନ ସରୋଜ କୁମାର ରାଉତ, ଶିକ୍ଷକ ବିଶ୍ୱଜିତ ରାଉତ ପ୍ରମୁଖ ଉପସ୍ଥିତ ରହି ବିଜ୍ଞାନ ଉଦ୍ୟାନ ଓ ଗଣେଶ ମୂର୍ତ୍ତୀ ଉନ୍ମୋଚନ କରିଥିଲେ। ବିଦ୍ୟାଳୟ ପରିସରରେ ଗଣେଶ ମୂର୍ତ୍ତୀ କରାଯାଇଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସୁବର୍ଣ୍ଣ ବେହେରା, ସୁଜାତା ଜେନା, ବିଦ୍ୟୁତପ୍ରଭା ଜେନା, ସୁଚିସ୍ମିତା ମିଶ୍ର, ସୁନନ୍ଦା କୁମାରୀ କାର୍ଯ୍ୟକ୍ରମକୁ ପରିଚାଳନା ଓ ସହଯୋଗ କରିଥିବା ବେଳେ କମିଟିର ସଭ୍ୟସଭ୍ୟା ରାଜେନ୍ଦ୍ର ଜେନା, ରଞ୍ଜିତା ସାନ୍ତରା, ପୁଷ୍ପଲତା ଧଳ, ଭାରତୀ ପଣ୍ଡି. ଗୌରୀ ଦାସ, ବିନୋଦ ଘଡେଇ, ପ୍ରତିମା ବେହେରା, ମଧୁସ୍ମିତା ରାଉତ, ଶଶଧର ବେହେରାଙ୍କ ସମେତ ଗ୍ରାମବାସୀ ଓ ଅଭିଭାବକ ଉପସ୍ଥିତ ରହିଥିଲେ।



୨୩ତମ ଗାଦିଗୋସେଇଁ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଭାଟିସିରାକୁ ହରାଇ କପୁଣ୍ଡି ଚାମ୍ପିଅନ୍

**ଆନନ୍ଦପୁର,୬।୨(ସମିସ)**

ଆନନ୍ଦପୁରର ଶ୍ରୀଗାଦିଗୋସାେଇଁ କ୍ରିକେଟ୍ କ୍ଲବ ପକ୍ଷରୁ ୨୩ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଷ୍ଟାଡିୟମ ପଡିଆଠାରେ ୫ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଞ୍ଚଳରୁ ୧୬ ଗୋଟି ଦଳ ଯୋଗ ଦେଇଥିଲେ। ଆଜିର ଫାଇନାଲ ମ୍ୟାଚରେ କପୁଣ୍ଡି କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ୱିକେଟ ହରାଇ ୭୩ ରନ୍ କରିଥିବା ବେଳେ ଜବାବରେ ଭାଟିସିରା ଏକାଦଶ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୪୫ ରନ୍ କରି ପରାଜିତ ହୋଇଥିଲା। ଖେଳକୁ ଅମ୍ପାୟାର ରାଜାପ୍ରଭୁ ଦାସ ଓ ଅମିତ ଦାସ ପରିଚାଳନା କରିଥିଲେ। ପରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଫୁକୁଲୁ ଦାସଙ୍କ ସଂଯୋଜନାରେ ବିଶିଷ୍ଟ ଫୁଟବଲ ଖେଳାଳୀ ନବରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସମାଜସେବୀ ଇଂ.ବିଶ୍ୱନାଥ ପ୍ରତାପ ଜେନା, କାଉନସିଲର କୃଷ୍ଣଚନ୍ଦ୍ର ରଣା, ସମାଜସେବୀ ଦେବରଞ୍ଜନ ସାହୁ, ଫୁଟବଲ ଖେଳାଳୀ ଗଗନ ସିଂ, ମୁରଲୀଧର ମିଶ୍ର ଓ ରମେଶ କୁମାର ସିଂ ଯୋଗ ଦେଇଥିଲେ। ଆଜିର ମ୍ୟାଚରେ ମ୍ୟାନ ଅପ୍ ଦ ମ୍ୟାଚ୍ ଓ ମ୍ୟାନ୍ ଅଫ ଦ ସିରିଜି ଭାବେ ରାକେଶ କୁମାର କୁଅଁର ବିବେଚିତ ହୋଇ ପୁରସ୍କାର ରାଶି ଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଶ୍ରୀଗାଦିଗୋସାେଇଁ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଓ ଖେଳାଳି ସହଯୋଗ କରିଥିଲେ।



